

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୨ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 MARCH 2024

Vol.No. 35 ■ No.71 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାସ୍ତବ ରୂପ ନେଲା ସିଏଏ: ଜାରି ହେଲା ବିଜ୍ଞପ୍ତି

ନୂଆଦିଲ୍ଲୀ, ୧୧/୩ : ଦୀର୍ଘ ୫ ବର୍ଷ ତଳୁ ଆଇନରେ ପରିଣତ ହୋଇ ସାରିଥିବା ନାଗରିକତ୍ୱ ସଂଶୋଧନ ଆଇନ ବା ସିଏଏ ବାସ୍ତବ ରୂପ ନେଇଛି। ଠିକ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଏହାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସିଏଏରେ ବ୍ୟବସ୍ଥିତ ହୋଇଥିବା ଆଇନ ସାର୍ବଜନୀନ କରାଯାଇଛି। ଏନେଇ ମନ୍ତ୍ରଣାଳୟ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରିଛି। ଏହାର ଅର୍ଥ ଆଜି ଠାରୁ ଦେଶରେ ସିଏଏ ଲାଗୁ ହୋଇଛି। ଏଣିକି ଭାରତରେ ଶରଣାର୍ଥୀ ଜୀବନ କାଟୁଥିବା ଅନ୍ୟ ଦେଶର ଲୋକମାନେ ନାଗରିକତା ପାଇପାରିବେ। କେବଳ ମୁସଲମମାନଙ୍କୁ ଛାଡ଼ି ଅନ୍ୟ ସମସ୍ତଙ୍କୁ ଭାରତର ସରକାର ନାଗରିକତା ଦେବେ। ୫ ବର୍ଷ ତଳେ ଅର୍ଥାତ ୨୦୧୯ରେ ସିଏଏ ଲୋକସଭା ଓ ରାଜ୍ୟସଭାରେ ପାରିତ ହେବା ପରେ ଆଇନରେ ପରିଣତ ହୋଇଥିଲା। ତଥାପି ଏଥିରେ କ'ଣ ସବୁ ନିୟମ ରହିବ, ସେକଥା କେନ୍ଦ୍ର ସରକାର ପ୍ରସ୍ତୁତ କରି ନଥିଲେ। ଏବେ ସରକାର ସିଏଏ ନିୟମ ପ୍ରଣୟନ କରିଛନ୍ତି। ବିଜ୍ଞପ୍ତି ଅନୁସାରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧାର୍ମିକ ନିର୍ଯାତନା ସହି ନ ପାରି ଭାରତରେ ଶରଣାର୍ଥୀ ଜୀବନ କାଟୁଥିବା ଲୋକଙ୍କୁ ତତ୍କାଳ ବା ଫାଷ୍ଟଟ୍ରାକ ନିୟମ ଆଧାରରେ ଭାରତର ନାଗରିକତା ପ୍ରଦାନ କରାଯିବ। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ଥିବା ମୁସଲିମଙ୍କୁ ଛାଡ଼ି ଅନ୍ୟ ଦେଶର ନାଗରିକଙ୍କୁ ସରକାର ନାଗରିକତା ପ୍ରଦାନ କରିବେ। ସେହିପରି ଗତବର୍ଷ ଭାରତରେ ରହୁଥିବା ଶରଣାର୍ଥୀ ଓ ଗତ ୧୪ ବର୍ଷ ମଧ୍ୟରେ ୫ ବର୍ଷ ଭାରତରେ ଜୀବନ କାଟିଥିବା ଲୋକଙ୍କୁ ମଧ୍ୟ ନାଗରିକତା ଦିଆଯିବ। ଆଇନରେ ଆସାମ, ମେଘାଳୟ, ମିଜୋରାମ ଓ ତ୍ରିପୁରାର ଆଦିବାସୀ ଅଞ୍ଚଳକୁ ବାଦ ଦିଆଯାଇଛି। ଭାରତର ନାଗରିକତା ଚାହୁଁଥିବା ଲୋକମାନେ କେବଳ ଅନଲାଇନ ଦ୍ୱାରା ଆବେଦନ କରିପାରିବେ। ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର ପୋର୍ଟାଲର ବ୍ୟବସ୍ଥା କରାଯାଇଛି। ଅନଲାଇନରେ ପଚରା ଯାଇଥିବା କାଗଜପତ୍ର ଦେଖାଇ ଜଣେ ନାଗରିକତା ପାଇଁ ଆବେଦନ କରିପାରିବେ। କେନ୍ଦ୍ରର କ୍ଷମତାସୀନ ବିଜେପି ସରକାର ମୁସଲିମଙ୍କୁ ଛାଡ଼ି ଭାରତରେ ଶରଣାର୍ଥୀ ଜୀବନ କାଟୁଥିବା ସବୁ ଧର୍ମର ଲୋକଙ୍କୁ ନାଗରିକତା ପ୍ରଦାନ କରିବାକୁ ନାଗରିକତ୍ୱ ▶▶ପୃଷ୍ଠା ୭

ଆଜିଠାରୁ ଓଡ଼ିଶାରେ ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ

ଭୁବନେଶ୍ୱର, ୧୧/୩ (ନି.ପ୍ର): ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୮୫ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବେ। ଏହିକ୍ରମରେ ପ୍ରଧାନମନ୍ତ୍ରୀ ୧୦ଟି ନୂଆ ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିବେ। ସେଥିମଧ୍ୟରୁ ଗୋଟିଏ ବନ୍ଦେ ଭାରତ ଏକ୍ସପ୍ରେସ ଓଡ଼ିଶାରେ ଚାଲିବ। ଏହା ହେବ ଓଡ଼ିଶାର ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ। ଓଡ଼ିଶାକୁ ମିଳିଥିବା ଏହି ନୂଆ ବନ୍ଦେ ଭାରତ ଏକ୍ସପ୍ରେସ ବିଶାଖାପଟନମ୍ ପର୍ଯ୍ୟନ୍ତ ଚାଲିବ। ଖୋର୍ଦ୍ଧା,ବାଲୁଗାଁ ଓ ବ୍ରହ୍ମପୁର ଦେଇ ଏହା ବିଶାଖପଟନମ୍ ଯିବ। ସପ୍ତାହକୁ ୬ ଦିନ ଏହା ଚାଲିବ। କେବଳ ଶନିବାର ଏହା ଯାତ୍ରା କରିବ ନାହିଁ। ଗତ ବର୍ଷ ମେ' ମାସରେ ଓଡ଼ିଶାରେ ଚାଲିଥିଲା ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ। ଏହା ପୁରୀରୁ ହାୱଡା ମଧ୍ୟରେ ଚଳାଚଳ କରୁଛି। ସେହିପରି ରାଜ୍ୟକୁ ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ ମିଳିଥିଲା ଗତ ବର୍ଷ ସେପ୍ଟେମ୍ବର ମାସରେ। ଏହା ପୁରୀ ଓ ରାଉଲକେଲା ଯା'ଆସ କରୁଛି। ୮୫ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ ପାଇଁ ଆସନ୍ତାକାଲି ଦେଶର ୭୬୪ଟି ସ୍ଥାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଏଗୁଡ଼ିକରେ ଯୋଗ ଦେବେ। ପ୍ରଧାନମନ୍ତ୍ରୀ ସାରା ଦେଶରେ ୧୦ଟି ନୂତନ ବନ୍ଦେ ଭାରତ ଟ୍ରେନ୍‌ର ଶୁଭାରମ୍ଭ କରିବା ସହିତ ୪ଟି ବନ୍ଦେ ଭାରତ ଟ୍ରେନ୍‌ର ସମ୍ପ୍ରସାରଣ ଏବଂ ଅନ୍ୟାନ୍ୟ ଟ୍ରେନ୍‌ର ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ୨୭୪ଟି ରେଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ୧୬୨ଟି

୪୬ଲକ୍ଷ ଚାଷୀଙ୍କ ଖାତାକୁ ଗଲା କାଳିଆ ଟଙ୍କା

ଭୁବନେଶ୍ୱର, ୧୧/୩ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର 'କାଳିଆ' ଯୋଜନା ସହାୟତା ଟଙ୍କା ଆଗୁଆ ବାଣ୍ଟିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ୪୬ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୯୩୩ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରିଛନ୍ତି। ୨୦୧୯ ମସିହାରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା 'କାଳିଆ' ଯୋଜନାର ସହାୟତା ରାଶିକୁ ରାଜ୍ୟ ସରକାର ପ୍ରତିବର୍ଷ ଦୁଇଥର ଅକ୍ଷୟ ତୃତୀୟା ଓ ନୂଆଖାଇ ଦିନ ଚାଷୀଙ୍କ ଆକାଉଣ୍ଟକୁ ପଠାଇଥାନ୍ତି। ମାତ୍ର ଚଳିତବର୍ଷ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତ କିଛିଦିନ ତଳେ କ୍ୟାବିନେଟରେ 'କାଳିଆ' ଯୋଜନାର ଗାଇଡଲାଇନକୁ ପରିବର୍ତ୍ତନ କରିଥିଲେ। ସୂଚନା ଅନୁସାରେ, ରାଜ୍ୟର ▶▶ପୃଷ୍ଠା ୭

ରାଜଧାନୀରେ ପୁଲିସ-ସରପଞ୍ଚ ଧସ୍ତାଧସ୍ତି

ଭୁବନେଶ୍ୱର, ୧୧/୩ (ନି.ପ୍ର): ରାଜଧାନୀରେ ସରପଞ୍ଚଙ୍କ ଗର୍ଜନ। ନବୀନ ନିବାସ ଘେରାଉ ଉଦ୍ୟମ ବେଳେ ପୁଲିସ ସହ ଧସ୍ତାଧସ୍ତି। ବିଭିନ୍ନ ଦାବିକୁ ନେଇ ଭୁବନେଶ୍ୱରରେ ସରପଞ୍ଚ ମହାସଂଘର ମହାରାଲି କରିଛି। ମାଷ୍ଟରକ୍ୟାଣ୍ଟିନରୁ ରାଲି ବାହାରି ନବୀନ ନିବାସ ଯିବା ବେଳେ ଆନ୍ଦୋଳନକାରୀଙ୍କୁ ଶିଶୁଭବନ ଛକରେ ପୁଲିସ ଅଟକାଇଥିଲା। ଏହି ସମୟରେ ଆନ୍ଦୋଳନକାରୀ ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ଉପୁଜିଥିଲା। ବିଭିନ୍ନ ଦାବିକୁ ନେଇ ସରପଞ୍ଚ ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

ଉଦ୍‌ଘାଟିତ ହେଲା ରାଜ୍ୟର ଦୀର୍ଘତମ ଫ୍ଲାଏଓଭର



କେନ୍ଦୁଝର, ୧୧/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରବାସୀଙ୍କ ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି। ଯୋଡ଼ା ସହରରେ ନିର୍ମିତ ରାଜ୍ୟର ଦୀର୍ଘତମ ଫ୍ଲାଏଓଭର ଆଜି ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହାର ଉଦଘାଟନ କରିଛନ୍ତି। ଡିଏମ୍‌ଏଫ ଫଣ୍ଡରୁ ପ୍ରାୟ ୨୫୦ କୋଟି ଟଙ୍କାରେ ନିର୍ମିତ ହୋଇଛି ଏହି ଫ୍ଲାଏଓଭର। ଏହାର ନିର୍ମାଣ କାର୍ଯ୍ୟ ୨୦୨୦ରେ ଆରମ୍ଭ ହୋଇଥିଲା। ତିନି ଲେନ୍ ବିଶିଷ୍ଟ ଏହି ଫ୍ଲାଏଓଭରର ଲମ୍ବ ୨.୯୮ କି.ମି. ଏବଂ ଓସାର ସାଢ଼େ ପାଞ୍ଚ (୫.୫) ମିଟର ରହିଛି। ଏନ୍‌ଏଚ୍ ୫୨୦ର ରଣାଶାଳ ଛକଠାରୁ କମାରଯୋଡ଼ା ପର୍ଯ୍ୟନ୍ତ ଆପ୍ରୋଚ ରୋଡ୍ ସହିତ ଏହାର ଲମ୍ବ ୪.୪୮୭ କି.ମି.। ଏହା କାର୍ଯ୍ୟକ୍ଷମ ହେବା ଦ୍ୱାରା ଯୋଡ଼ାବାସୀ ଟ୍ରାଫିକ ସମସ୍ୟାରୁ ଅନେକାଂଶରେ ମୁକ୍ତି ପାଇପାରିବେ। ସେହିପରି ଖଣିଜ ପରିବହନ କ୍ଷେତ୍ରରେ ଏହା ବେଶ୍ ସହାୟକ ହୋଇପାରିବ। ଏଣିକି ଅନବରତ ଭାବରେ ଖଣିଜ ପଦାର୍ଥ ବୋଝେଇ ଟ୍ରକଗୁଡ଼ିକ ଫ୍ଲାଏଓଭର ଦେଇ ଚଳାଚଳ କରିପାରିବେ। ଯୋଡ଼ାଠାରେ ଆୟୋଜିତ ଏହି ଫ୍ଲାଏଓଭରର ଲୋକାର୍ପଣ ଉତ୍ସବରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, ଯୋଡ଼ା ଓ ବଡ଼ବିଲର ପୌରାଧ୍ୟକ୍ଷଙ୍କ ସହିତ ବହୁ ସଂଖ୍ୟାରେ ସ୍ଥାନୀୟ ଜନ ସାଧାରଣ ଯୋଗ ଦେଇଥିଲେ।

ନିର୍ବାଚନ ପାଇଁ ଓଡ଼ିଶାରେ ୭୫ କମ୍ପାନୀ କେନ୍ଦ୍ରୀୟ ପୁଲିସ୍ ଫୋର୍ସ ମୁତୟନ

ଭୁବନେଶ୍ୱର, ୧୧/୩ (ନି.ପ୍ର): ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଓଡ଼ିଶାରେ ୭୫ କମ୍ପାନୀ କେନ୍ଦ୍ରୀୟ ପୁଲିସ ଫୋର୍ସ ମୁତୟନ ହୋଇଛି। ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଏହି କେନ୍ଦ୍ରୀୟ ପୁଲିସ ଫୋର୍ସକୁ ମୁତୟନ କରାଯାଇଛି ବୋଲି ସିଆରପିଏଫ ଆଇଜି ଅର୍ଚ୍ଚନା ଶିବହରେ କହିଛନ୍ତି। ଆଜି ଏଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ରାଜ୍ୟରେ ୩୫ କମ୍ପାନୀ ସିଆରପିଏଫ, ୩୫ କମ୍ପାନୀ ବିଏସଏଫ୍ ଓ ୫ କମ୍ପାନୀ ସିଆଇଏସଏଫ୍ ଯବାନ ମୁତୟନ ହୋଇଛନ୍ତି। ଏହି କେନ୍ଦ୍ରୀୟ ଫୋର୍ସ ମାର୍ଚ୍ଚ ୧ରୁ ୨ଟି ପର୍ଯ୍ୟାୟରେ ଓଡ଼ିଶାରେ ମୁତୟନ ହୋଇସାରିଛନ୍ତି। ଗୋଟିଏ କମ୍ପାନୀରେ ପ୍ରାୟ ୧୦୦ଜଣ ଯବାନ ରହୁଛନ୍ତି। ତେଣୁ ମୋଟ ୭୫୦୦ କେନ୍ଦ୍ରୀୟ ପୁଲିସ ଫୋର୍ସ ଯବାନଙ୍କୁ ରାଜ୍ୟର ନିର୍ବାଚନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାର ଦାୟିତ୍ୱ ଦିଆଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଅର୍ଚ୍ଚନା ଶିବହରେଙ୍କ ଏହି କେନ୍ଦ୍ରୀୟ ପୁଲିସ ଫୋର୍ସର ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ଏହି କେନ୍ଦ୍ରୀୟ ଫୋର୍ସକୁ ରାଜ୍ୟର ସମ୍ବେଦନଶୀଳ ସ୍ଥାନ ସମେତ ଉତ୍ତେଜନା ଆଶଙ୍କା ଥିବା ଅଂଚଳରେ ମୁତୟନ କରାଯିବ। ନକ୍ସଲ ଉପଦ୍ରୁତ ଅଂଚଳ ସମେତ ବିଭିନ୍ନ ଅଂଚଳରେ ଏହି କେନ୍ଦ୍ରୀୟ ଫୋର୍ସ ପାଟ୍ରୋଲିଂ ଓ ଫ୍ଲାଗ ମାର୍ଚ୍ଚ କରି ସାଧାରଣ ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରୁଛନ୍ତି। ରାଜ୍ୟ ପୁଲିସ ସହ ସମନ୍ୱୟ ରକ୍ଷା କରି ରାଜ୍ୟର ସମସ୍ତ ସମ୍ବେଦନଶୀଳ ଓ ଉଚ୍ଚ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି।

୧୫ ହଜାର ନେଇଥିଲେ: ଆଉ ୮ ହଜାର ନେବା ବେଳେ ଧରାପଡ଼ିଲେ

କୁଟିଣ୍ଡା, ୧୧/୩ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୁଟିଣ୍ଡା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜଙ୍ଗଲ ଜମି ବିଭାଗର ସଂଯୋଜିକା ନିଘତ ପରବୀନ ଓରଫ ରୋଜା। ଜଙ୍ଗଲ ଜମି ପଟ୍ଟା କରି ଦେବା ପାଇଁ ଜଣେ ହିତାଧିକାରୀଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। କିଛି ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବା ପାଇଁ ନିଘତ ପରବୀନ ୨୩ ହଜାର ଟଙ୍କା ମାଗିଥିଲେ। ପ୍ରଥମ କିସ୍ତିରେ ସେ ୧୫ ହଜାର ▶▶ପୃଷ୍ଠା ୭

ନିର୍ବାଚନୀ ବଣ୍ଡ ତଥ୍ୟ ଦାଖଲ କରିବାକୁ ଏସବିଆଇକୁ ସୁପ୍ରିମ କୋର୍ଟଙ୍କ ତାଗିଦ

ନୂଆଦିଲ୍ଲୀ, ୧୧/୩ : ୨୬ ଦିନ କ'ଣ କଲ ? ଆମେ ଆପଣଙ୍କୁ ତଥ୍ୟ ଦାଖଲ କରିବାକୁ କହିଥିଲୁ। ତଥ୍ୟ ମିଳାଇବା ପାଇଁ କୁହାଯାଇନଥିଲା। ଆପଣ ନିର୍ଦ୍ଦେଶର ପାଳନ କରନ୍ତୁ। ଆସନ୍ତାକାଲି ସୁଦ୍ଧା ସମସ୍ତ ତଥ୍ୟ ଦାଖଲ କରନ୍ତୁ।' ଇଲେକ୍ଟୋରାଲ ବଣ୍ଡ ମାମଲାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଏଭଳି କିଛି ପ୍ରଶ୍ନ କରି ତା'ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଏଥିସହ ବିବରଣୀ ଦାଖଲ କରିବା ପାଇଁ ବ୍ୟାଙ୍କ ଯେଉଁ ସମୟ ମାଗିଥିଲା, ସେହି ଆବେଦନକୁ ଅଦାଲତ ଖାରଜ କରି ଦେଇଛନ୍ତି। ନିର୍ବାଚନ ଆୟୋଗଙ୍କ ନିକଟରେ ନିର୍ବାଚନ ବଣ୍ଡର ବିବରଣୀ ଦାଖଲ କରିବାକୁ ଏସବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ମାଗିଥିଲା। ଏବେ ଏହି ଆବେଦନକୁ ଖାରଜ କରି ମାର୍ଚ୍ଚ ୧୨ ସୁଦ୍ଧା କାର୍ଯ୍ୟ ସମୟ ଶେଷ ହେବା ଭିତରେ ନିର୍ବାଚନ ବଣ୍ଡର ସବିଶେଷ ତଥ୍ୟ ପ୍ରକାଶ କରିବାକୁ ସୁପ୍ରିମକୋର୍ଟ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ୧୫ ତାରିଖ ସୁଦ୍ଧା ଡାଟା ଉପଲବ୍ଧ କରିବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଇଲୋକ୍ଟ୍ରାଲ ବଣ୍ଡ ମାମଲା ସମ୍ପର୍କରେ ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଯେତେବେଳେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ସବିଶେଷ ତଥ୍ୟ ଦେବାକୁ ଅଧିକ ସମୟ ମାଗିଥିଲା। ସେତେବେଳେ ସୁପ୍ରିମକୋର୍ଟ ପଚାରିଥିଲେ ଏହି ସମସ୍ୟା କେଉଁଠୁ ଆସୁଛି। ୨୬ ଦିନ ଯାଏଁ ତୁମେ କ'ଣ କାମ କଲ ? ବ୍ୟାଙ୍କରେ ଏକ ସିଲ ବନ୍ଦ ହୋଇଥିବା ଲଫାପା ଅଛି। ବ୍ୟାଙ୍କ ଏହାକୁ ଖୋଲି ସୁପ୍ରିମକୋର୍ଟଙ୍କୁ ତଥ୍ୟ ପ୍ରଦାନ କରିବା ଉଚିତ। ଶୁଣାଣି ବେଳେ ଏସବିଆଇ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲଭେ ଯୁକ୍ତି କରିଥିଲେ। ▶▶ପୃଷ୍ଠା ୭

ପ୍ରତିରକ୍ଷା କ୍ଷେତ୍ରରେ ନୂଆ ମାଇଲଷ୍ଟୋନ୍: ଅଗ୍ନି-୫ର ସଫଳ ପରୀକ୍ଷଣ

ବାଲେଶ୍ୱର, ୧୧/୩ (ନି.ପ୍ର): ପ୍ରତିରକ୍ଷା କ୍ଷେତ୍ରରେ ନୂଆ ମାଇଲଷ୍ଟୋନ୍। ଅଗ୍ନି-୫ର ହେଲା ସଫଳ ପରୀକ୍ଷଣ। ଓଡ଼ିଶାରେ ଡିଆରଡିଓକୁ ମିଳିଛି ଐତିହାସିକ ସିଫଳତା। ପ୍ରତିରକ୍ଷା କ୍ଷେତ୍ରର ବିରଳ କ୍ଲବରେ ସାମିଲ ହୋଇଛି ଭାରତ। ଏନେଇ ଡିଆରଡିଓକୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଡିଆରଡିଓର ବୈଜ୍ଞାନିକଙ୍କୁ ସାବାସୀ ଜଣାଇ ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ୍ କରିଛନ୍ତି। ସେ ଲେଖିଛନ୍ତି, 'ମଲ୍ଟିପୁଲ ଇଣ୍ଡିପେଣ୍ଡେଣ୍ଟଲି ଟାରଗେଟେବଲ ରି-ଏଣ୍ଟ୍ରି ହ୍ୱେଇକଲ୍ (ଏମ୍‌ଆଇଆରବି) ଟେକ୍‌ନିକ୍ ସହ ସ୍ୱଦେଶୀ ରୂପେ ବିକଶିତ ଅଗ୍ନି-୫ ମିସାଇଲ୍‌ର ପ୍ରଥମ ଫ୍ଲାଇଟ୍ ଟେଷ୍ଟ ହୋଇଛି। ମିଶନ ଦିବ୍ୟାସ୍ତ୍ର ପାଇଁ ଆମ ଡିଆରଡିଓ ବୈଜ୍ଞାନିକଙ୍କ ଉପରେ ମୁଁ ଗର୍ବିତ।' ବାଲେଶ୍ୱର ଅବଦୁଲ କଲାମ ଦ୍ୱୀପରୁ ଅଗ୍ନି-୫ର ପରୀକ୍ଷଣ ହୋଇଛି। ୨୫ତମ ଭର୍ସନର ପରୀକ୍ଷଣ ସଫଳ ହୋଇଛି। ଏହା ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଆନ୍ତଃମହାଦେଶୀୟ ବାଲିଷ୍ଟିକ ମିସାଇଲ୍। ୫ ହଜାର କିମି ଯାଏଁର ଲକ୍ଷ୍ୟଭେଦ କ୍ଷମତା ରହିଛି। ଅଗ୍ନି-୫ ମିସାଇଲ ଚୀନ୍‌ର ଯେକୌଣସି ସ୍ଥାନରେ ତାଣ୍ଡବ ରଚିବାରେ ସକ୍ଷମ। କେବଳ ସେତିକି ନୁହେଁ ଏହି ମିସାଇଲ୍ ୧.୫ ଟନ ଓଜନର ଅଣୁ/ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି। ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି ▶▶ପୃଷ୍ଠା ୭

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସରକାରଙ୍କ ଟାଳଟୁଳ ନୀତିର ବିରୋଧ

ଭୁବନେଶ୍ୱର , ୧୧/୩ (ନି.ପ୍ର): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ମହାତ୍ମା ଗାନ୍ଧୀ ମାର୍ଗରେ ଧାରଣାସ୍ଥଳରେ ଏକ ସାମ୍ବାଦିକ ସମ୍ମିଳନୀର ଆହ୍ୱାନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଏକଦଫା ଦାବି ସମ୍ବନ୍ଧରେ ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ଆଗାମୀ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଂଘର ରାଜ୍ୟ ସଭାପତି ବିଶ୍ୱରଂଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ୩୦ଟି ଜିଲ୍ଲାରୁ ସଂଘର ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ସଂଘର ଏକମାତ୍ର ଦାବି ହେଉଛି ରାଜ୍ୟରେ ବିଭିନ୍ନ ଅନୁଦାନ ଓ ଅଣଅନୁଦାନ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରାଯାଉ । ଏହି ଦାବି ପାଇଁ ସଂଘ ତରଫରୁ ଦୀର୍ଘ ୪୯୦ ଦିନ ହେଲା ବିଧାନସଭା ସମ୍ମୁଖରେ ଗାନ୍ଧୀମାର୍ଗଠାରେ ବିଭିନ୍ନ ସମୟରେ ଧାରଣା, ଆନ୍ଦୋଳନ, ରାଲି, ଅନଶନ ଓ ବିକ୍ଷୋଭ ଭଳି କାର୍ଯ୍ୟପନ୍ଥା ହାତକୁ ନିଆଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଆସୁଅଛି । ଏପରିକି ସଂଘ ତରଫରୁ ବାରମ୍ବାର ଉଚ୍ଚଶିକ୍ଷାମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ, ୫-ଟି ଅଧକ୍ଷ, ଅର୍ଥମନ୍ତ୍ରୀ, ଅର୍ଥ ସଚିବଙ୍କୁ ଦାବି ସମ୍ପର୍କରେ ଜଣାଇ ଆଲୋଚନା ସଂଘ ତରଫରୁ କରାଯାଇଅଛି । ବିଭିନ୍ନ ଜିଲ୍ଲାପାଳମାନଙ୍କ ମାଧ୍ୟମରେ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦିଆଯାଇଅଛି । ହେଲେ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ସରକାର ଆମର ଦାବିକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇ ଏବଂ ଖୁବ୍‌ଶୀଘ୍ର ପୁରଣ ହେବାର ପ୍ରତିଶ୍ରୁତି ଦେଇ ଆଜି ପର୍ଯ୍ୟନ୍ତ ଅଣଦେଖା କରୁଥିବାରୁ ସଂଘ ତରଫରୁ କ୍ଷୋଭ ପ୍ରକାଶ କରାଯାଇଅଛି । ସରକାର ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ ସଂଗଠନ ଏବଂ ଅନୁଷ୍ଠାନ ମାନଙ୍କର ଦାବିଗୁଡ଼ିକ ପୂରଣ କରୁଥିଲେ ମଧ୍ୟ ଆମର ଦାବି ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ସଂଘ ତରଫରୁ ଦୁଃଖ ଏବଂ କ୍ଷୋଭ ପ୍ରକାଶ କରାଯାଇଛି । ଏପରିକି ଗତ ୧୮.୧୧.୨୦୨୩ରେ ଆମର ଦାବି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିରେ ଆଲୋଚନା ହୋଇଥିଲେ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ନ ମିଳିବାରୁ ସଂଘକୁ ବହୁତ ଆଘାତ ଦେଇଛି, ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ଯଦି ସରକାର ଆମ ଦାବି ପୂରଣ ନ କରନ୍ତି, ତେବେ ୫ ହଜାରରୁ ଊର୍ଦ୍ଧ୍ୱ ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନଙ୍କର ଭାଗ୍ୟ ଓ ଭବିଷ୍ୟତ ଅନ୍ଧକାରକୁ ଚାଲିଯିବାର ଆଶଙ୍କା କରି ଆଗାମୀ ଦିନରେ ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବୁ, ଭୋଟ ବର୍ଜନ କରିବୁ ଓ ବିଧାନସଭା ସମ୍ମୁଖରେ ସମୂହ ଆତ୍ମାହୂତି ଦେବୁ ବୋଲି ସଂଘର ସଭାପତି ବିଶ୍ୱରଂଜନ ଦାସ ଜଣାଇଛନ୍ତି ଏବଂ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ।

ବଳଦେବ ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ସେବାନିବୃତ ଶିକ୍ଷକମାନଙ୍କ ସମ୍ବର୍ଦ୍ଧନା ସଭା

କେନ୍ଦ୍ରାପଡ଼ା, ୧୧/୩ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନସ୍ଥ ବଳଦେବ ହାଇସ୍କୁଲ ପରିସରରେ କ୍ଲଷ୍ଟର ସ୍ତରୀୟ ସେବାନିବୃତ ଶିକ୍ଷକମାନଙ୍କର ଏବଂ ପଦୋନ୍ନତି ପାଇଥିବା ଶିକ୍ଷକଙ୍କର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଇଛାପୁର ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ବିଭିନ୍ନ ସ୍କୁଲରୁ ଅବସର ନେଇଥିବା ରାଜେନ୍ଦ୍ର କୁମାର ସାହୁ,ପ୍ରତୀମା ବିଶ୍ୱାଳ, ଭକ୍ତିଲତା ଜେନା, ସାଗରୀକା ପୁଷ୍ଟି, ସଫାତ ଅଲ୍ଲୀ, ଗୀତାଞ୍ଜଳି ସ୍ୱାଇଁ, ସୁଜାତା ନାୟକ, ହରେକୃଷ୍ଣ ପତି, ନିର୍ମଳ ସୁତାରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଏବଂ ବଳଦେବ ପ୍ରସାଦ ଜେନାଙ୍କୁ ପ୍ରଧାନଶିକ୍ଷକ ପଦରୁ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଭାବରେ ପଦନ୍ନୋତି ପାଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ହେମନ୍ତ କୁମାର ଜେନା, ବଳଦେବ ହାଇସ୍କୁଲର ପ୍ରଧାନଶିକ୍ଷକ ନୃସିଂହ ଚରଣ ତ୍ରୀପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଇଛାପୁର ହାଇସ୍କୁଲ କ୍ଲଷ୍ଟରର ସିଆରସିସି ବିଭୁ ପ୍ରସାଦ ନାୟକ ସଭା ପରିଚାଳନା କରିଥିବାବେଳେ ତପନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ବୁଢିବିଳାଶୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସେକ ମନସୁର ଅଲ୍ଲୀ, ମହମ୍ମଦ ଆୟାସୁଦିନ, ମନୋରଞ୍ଜନ ମହାନ୍ତି, ଅଞ୍ଜଳୀ ଶତପଥୀ, ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସଭାରେ ଏହି କ୍ଲଷ୍ଟରର ସମସ୍ତ ଶିକ୍ଷକ ଯୋଗଦେଇଥିଲେ ।

ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ୧୦୦ କୋଟି ଟଙ୍କାର ବିଭିନ୍ନ ଭିତ୍ତି ପ୍ରସ୍ତର ସ୍ଥାପନ

ସୁବର୍ଣ୍ଣପୁର, ୧୧/୩ (ନି.ପ୍ର): ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସରଗରମ ହେବା ସହ ଶିଳାନ୍ୟାସ, ଭୂମି ପୂଜନ ସଭା ସମିତି ବ୍ୟାପକ ହେବାରେ ଲାଗିଛି ଓ ରବିବାର ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାରମନ୍ତ୍ରୀ ନିରଞ୍ଜନ ପୂଜାରୀ ତରଭା ବ୍ଲକ ଗସ୍ତ କରି ବିଭିନ୍ନ ସ୍ଥାନ ରେଏକ ଶହ କୋଟି ଟଙ୍କାର ନୂତନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନକରିଛନ୍ତି । ତରଭା ବ୍ଲକ ଓ ବଲାଙ୍ଗୀର ଜିଲ୍ଲାକୁ ସଂଯୋଗ କରିବା ନେଇ ପୁଆ ପଂଚାୟତ ରେ ଟକର୍ଲା - ଜାମଗା ବ୍ରିଜ ନିର୍ମାଣ ପାଇଁ ଭିତି ପ୍ରସ୍ତର, ସେହିପରି ଶିବତୁଳା ପଂଚାୟତର ଘାଟକଇଁତରା- ଆଡ଼କଟା - ରମ୍ପାସିନ୍ଦୋଲ ରାସ୍ତା, ବଡ଼ଭୋଇରୋ ପଂଚୟତ ର ଭାଲୁଡୁଙ୍ଗୁରିରୁ - ବଡଭୋଇଁ ରୋ ରାସ୍ତା ନିର୍ମାଣ ପାଇଁ ଭାଲୁଡୁଙ୍ଗୁରି ଛକ ଭିତି ପ୍ରସ୍ତର ସ୍ଥାପନ ଓ କଟାପାଲି ପଂଚାୟତ ର କନକେଡା - ବୈରଖମନ୍ ସୁକତେଲ ନଦୀ ରେ ବ୍ରଜ ନିର୍ମାଣ, ଓ ପାଣିମୁରା -ଠାରେ ପାଣି ମୁରା - କମଘାଟ ତେଲନଦୀ ରେ ବ୍ରିଜ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ଓ ବାଲିପଟା- ବଡଜୋର୍ - କୁଲଥିଆପଦର୍ ରାସ୍ତା, ମେଟାକାନି ଛକରୁ ଜଡ଼ାପଲ୍ - ଜୁନାନି - ବେହେରାମୁହାଁନ୍ ରାସ୍ତା ରାସ୍ତା ନିର୍ମାଣ ପାଇଁ ଭିତିପ୍ରସ୍ତର ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଦ୍ୱାରା କରାଯାଇଛି ଓ ତରଭାରୁ ଅନ୍ତର୍ଡା ବାଇପାସ୍ ରିଙ୍ଗରୋଡ(ନିବୃତି ଜୋର୍ କଡ)ରୋଡ଼ ୮ କୋଟି ଟଙ୍କା ରେ ନିର୍ମାଣ ପାଇଁ ଭିତିପ୍ରସ୍ତର ଓ ଶିଳା ନ୍ୟାସ ମନ୍ତ୍ରୀ ଙ୍କ ଦ୍ୱାରା କରାଯାଇଥିଲା ଓ ସମସ୍ତ କାର୍ଯ୍ୟକ୍ରମ ସମୟ ରେ ତରଭା ବ୍ଲକ ଚେୟାରମ୍ୟାନ ସରୋଜ କମ୍ପ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଶତ୍ରୁଘନ ପୃଷ୍ଟି, ତରଭା ଏନଏ ସି ଚେୟାରମ୍ୟାନ ବନ୍ଦିତା ନାଏକ, ସମେତ ଗଗନ ଅଗ୍ରୱାଲ, ହେମନ୍ତ ସାହୁ, ସ୍ଥାନୀୟ ସରପଂଚ, ସମିତି ସଭ୍ୟ, ଓ ସ୍ଥାନୀୟ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ ଓ ଏହା ପରେ ତରଭା ବ୍ଲକ ସମ୍ମୁଖ ରେ ଏକ ସ୍ୱତନ୍ତ୍ର ସଭା ରେ ବ୍ଲକର ଆଠ ଶହ ପରିବାର କୁବି ଏସକେ ୟେ ନବୀନ କାର୍ଡ ଯୋଜନାରେ କାର୍ଡ ଓବ୍ଲକର ବିଭିନ୍ନ ପଂଚାୟତର ଯୁବଗୋଷ୍ଠି କ୍ରୀଡ଼ାବିତ ମାନଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା ଓ ବିଡ଼ିଓ ଅନିଲ କୁଲୁ ଉପସ୍ଥିତ ରହି ଥିବା ବେଳେ ବିଏସଏସ ଓ ପ୍ରଭାସ କର୍ଣ୍ଣ ମଂଚ ପରିଚାଳନା କରିଥିଲେ ଓ ବ୍ଲକ ବରିଷ୍ଠ ଅଧିକାରୀ ସୁବୋଧ ମହାରଣା ଧନ୍ୟବାଦ ଦେଇଥିଲେ ଓ ବ୍ଲକ ବିଭିନ୍ନ ଅଂଚଳରୁ ମାତୃ ଶକ୍ତି, ସରପଂଚ, ସମିତି ସଭ୍ୟ,ସମସ୍ତ ବିଭାଗୀୟ ଅଧିକାରୀ, ସାଧାରଣ ଜନତା ଉପସ୍ଥିତ ଥିଲେ ।

ଟ୍ରକ ପଛରେ ବସ ଧକ୍କା: ୬ ଆହତ

କୋରେଇ, ୧୧/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଥାନା ସମ୍ମୁଖ ବା ଓଭରବ୍ରିଜ ଆରମ୍ଭରେ ଶନିବାର ବିଳମ୍ବିତ ରାତ୍ରୀରେ ଏକ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ ପଛରେ ବସ ଧକ୍କା ହେବାରୁ ବସଟିର ସମ୍ମୁଖ ଭାଗ ଭାଙ୍ଗିବା ସହ ଛଅ ଜଣ ଆହତ ହୋଇଛନ୍ତି । ପ୍ରକାଶଯେ ଶନିବାର ବିଳମ୍ବିତ ରାତ୍ରୀ ଅଢେଇଟା ସମୟରେ ବହଳଦାରୁ ପୁରୀ ଅଭିମୁଖେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ (ଓଡି୧୩କିୟୁ ୧୮୭୪) ପାଣିକୋଇଲି ଓଭରବ୍ରିଜ ଆରମ୍ଭରେ ଆଗରେ ଯାଉଥିବା ଏକ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକ(ଓଡି ୩୪ପି ୪୩୨୬) ପଛରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା । ଫଳରେ ବସର ଚାଳକ ସତ୍ୟବ୍ରତ ସାହୁ ଷ୍ଟେଙ୍ଗରେ ଚାପି ହେବା ସହ ଅନ୍ୟ ଚାଳକ କମଲ ଗିରି ଆହତ ହେବା ସହ ୨ ଯାତ୍ରୀ ଆହତ ହୋଇଥିଲେ । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ବସ ଓ ଟ୍ରକୁ ଜବତ କରିଛି । ଏନେଇ ଅଧିକ ତଦନ୍ତ ଜାରି ରହିଛି ।

ଗୋପୀନାଥ ଜୀଉ ସେବାସମିତି ପକ୍ଷରୁ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୧୧/୩ (ନି.ପ୍ର): ଗୋପୀନାଥ ଜୀଉ ସେବା ସମିତି ତରଫରୁ ଆଜି ବାଲିଆ ମେଡିକାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବରିଷ୍ଠ ସମାଜସେବୀ ତାରା ପ୍ରସାଦ କାନୁନଗୋ ଏବଂ ବାଲିଆସ୍ଥିତ ସରୋଜକାନ୍ତ କାନୁନଗୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଖଗେଶ୍ୱର ନାୟକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସ୍ଥାନୀୟ ଅଂଚଳ ସମେତ ଆଖପାଖରୁ ଅନେକ ଯୁବକ ଯୁବତୀ ଏହି ଶିବିରରେ ଯୋଗଦେବା ସହିତ ଅମୂଲ୍ୟ ଜୀବନକୁ ରାହା ଦେବା ଉଦେଶ୍ୟରେ ରକ୍ତଦାନ କରିଥିଲେ । ସମିତିର ସଭାପତି ପ୍ରଭାତ କୁମାର ରଣାଙ୍କ ସମେତ ସମ୍ପାଦକ ରାକେଶ କୁମାର ସାହୁଙ୍କ ଆହ୍ୱାନ କ୍ରମେ ଅନେକ ଯୁବପିଢ଼ି ଆଜି ରକ୍ତଦାନ ମାଧ୍ୟମରେ ସମାଜ ପ୍ରତି ଥିବା କର୍ତବ୍ୟକୁ ପାଳନ କରି ଏହା ପ୍ରମାଣ କରିଛନ୍ତି ଯେ ସମାଜରେ ଯୁବପିଢ଼ିମାନଙ୍କ କର୍ତବ୍ୟ ନିଷ୍ଠା କ'ଣ ହେବା ଆବଶ୍ୟକ ତାହା ପ୍ରମାଣ କରିଛନ୍ତି ।

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ତିନିଜଣ ବିଶିଷ୍ଟ ମହିଳାଙ୍କୁ ସମ୍ମାନୀତ କଲା ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ

ଭୁବନେଶ୍ୱର , ୧୧/୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତିଙ୍କ ପୌରହିତ୍ୟରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଭୁବନେଶ୍ୱର ଜିଲ୍ଲାର ଚାରିଜଣ ବିଶିଷ୍ଟ ମହିଳାଙ୍କୁ ସମ୍ମାନୀତ କରାଯାଇଥିଲା । ସାମଜସେବୀ ଶ୍ରୀମତୀ ଅନୁରାଧ ଦାସ, ବିଶିଷ୍ଟ ସାମ୍ବାଦିକା ଶ୍ରୀମତୀ ସମୀକ୍ଷା ପଟ୍ଟନାୟକ, ଆଦିବାସୀ ବର୍ଗର ଶିକ୍ଷାର ବିକାଶ ନିମନ୍ତେ କାମ କରୁଥିବା ମହିଳା ଶ୍ରୀମତୀ ଲକ୍ଷ୍ମିପ୍ରିୟା ଖଣ୍ଡେଇ ଓ ଲକ୍ଷ୍ମିପ୍ରିୟା ପଲେଇଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ଜିଲ୍ଲା ମହିଳା କଂଗ୍ରେସର ସଭାନେତ୍ରୀ ଶ୍ରୀମତୀ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସର ଉପସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିଲ୍ଲା ଉପସଭାପତି ଶୁଭଦ୍ରା ମିଶ୍ର, ଜିଲ୍ଲା ସାମାଜିକ ଗଣମାଧ୍ୟମର ମୁଖ୍ୟ ସ୍ନେହା ଜେନା ଓ ଅନ୍ୟମାନେ ସେମାନଙ୍କର ଗୁଣଗାନ କରିଥିଲେ ।

ଏହି ସଭାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ମୁଖ୍ୟ ଅତିଥିରୂପେ ଯୋଗଦାନ କରି ମହିଳାମାନଙ୍କର ସମାଜରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହିତ ଆସନ୍ତା ଦିନରେ ଏକ ସୁସ୍ଥ ସମାଜ ଗଠନ କରିବାପାଇଁ ହେଲେ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାରୀ ଦେବାକୁ ପଡ଼ିବ ବୋଲି କହିଥିଲେ ।

ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଟେତାଳୀ ପଟ୍ଟନାୟକ, ଲକ୍ଷ୍ମିପ୍ରିୟା ଦାସ, ସିପ୍ରା ସେନାପତି, ଉର୍ବଶ୍ରୀ ମିଶ୍ର ଓ ଜିଲ୍ଲାର ବହୁ ମହିଳା କର୍ମୀ ଉପସ୍ଥିତ ଥିଲେ । ବ୍ଲକ ସଭାପତି ପ୍ରାଚୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱଇଚ୍ଛାରେ ଅଙ୍ଗଦାନ କରିବେ ୧୦ ଜଣ ବ୍ୟକ୍ତି

କେନ୍ଦ୍ରାପଡ଼ା, ୧୧/୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଙ୍ଗଦାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ହେବାପରେ ୧୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଜ ଶରୀର ଦାନପାଇଁ ଅଙ୍ଗୀକାର କରିଥିଲେ । ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶାସନରେ ଥିବା ଗୋଷ୍ଠେଶ୍ୱର ମହାଦେବଙ୍କ ପୀଠରେ ଜାଗର ଉପଲକ୍ଷେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଙ୍ଗଦାନ ସଚେତନତା ଶିବିର ଆୟୋଜନ କରାଯାଇ ଥିଲା । ଅଙ୍ଗଦାନ କରିବାକୁ ଉତ୍ସୁକ ବ୍ୟକ୍ତିମାନଙ୍କୁ ବୁଝାଯିବାରୁ ପ୍ରାୟ ୧୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଜ ସ୍ୱଇଚ୍ଛାରେ ଅଙ୍ଗଦାନ କରିବାକୁ ରାଜି ହୋଇଛନ୍ତି । ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାଦେବ ମନ୍ଦିରର ପରିଚାଳକ ବିଷ୍ଣୁଚରଣ ମହାପାତ୍ର, ମନୋଜ କୁମାର ରାଉତ, ତପନ କୁମାର ନାଥ, ଭାବଗ୍ରାହୀ ସାହୁ, ରମାକାନ୍ତ ନାଥ, ଧନେଶ୍ୱର ସେଠୀ, ଇନ୍ଦ୍ରମଣି ନାୟକ, ଜିଲ୍ଲା ଅଙ୍ଗଦାନ ଅଭିଯାନର ସଭାପତି ବିଜୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଶାନ୍ତଙ୍କ ଶକ୍ତି ପ୍ରଦର୍ଶନ

ରାଉରକେଲା, ୧୧/୩ (ନି.ପ୍ର): ସାଧାରଣ ନିର୍ବାଚନ ଘୋଷଣା ହୋଇନି । ବିଜେପି, ବିଜେଡି ଓ କଂଗ୍ରେସର ଟିକେଟ ଆଶାୟୀ ନେତାମାନେ ଶକ୍ତିପ୍ରଦର୍ଶନ କରିବାକୁ ଗୋଟିଏ ପରେ ଗୋଟିଏ କାର୍ଯ୍ୟକ୍ରମମାନ କରୁଛନ୍ତି । ଏଥିରୁ ବାଦ୍ ପଡ଼ିନାହାନ୍ତି ନିକଟରେ କଂଗ୍ରେସ ଦଳ ଛାଡ଼ିଥିବା ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପ୍ରଶାନ୍ତ ସେଠୀ । ନିର୍ବାଚନ ଘୋଷଣା ପୂର୍ବରୁ ସେ ବିଜେଡିରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି । ଦଳୀୟ ଟିକେଟ୍ ହାତେଇବାକୁ ଗତ ପ୍ରାୟ ୨ ବର୍ଷଧରି ରଘୁନାଥପାଲି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବସ୍ତିରେ କିଛି ନା କିଛି କାର୍ଯ୍ୟକ୍ରମ କରୁଛନ୍ତି । ଆଜି ସେକ୍ଟର-୫ସ୍ଥିତ ଭଞ୍ଜ ଭବନ ସମ୍ମିଳନୀ କକ୍ଷରେ 'ଅର୍ନ୍ତଜାତୀୟ ମହିଳା ଦିବସ' ପାଳନ ନାଁରେ ନିଜର ଶକ୍ତିପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ମହିଳାଭୋଟର ନିକଟତର ହେବାକୁ ରଘୁନାଥପାଲି ନିର୍ବାଚନମଣ୍ଡଳୀ ପ୍ରାୟ ୨ ହଜାରରୁ ମହିଳାଙ୍କୁ ଏକାଠି କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶର୍ମିଷ୍ଠା କବି ଶତପଥୀ ଓ ବକ୍ତାଭାବେ ମୋନାଲିସା ମିଶ୍ର, ସମ୍ମାନିତ ଅତିଥି ନିରୁପମା ସ୍ୱାଇଁ ଯୋଗଦେଇଥିଲେ । ମହିଳା ସଶକ୍ତୀକରଣ ଓ ଆତ୍ମନିର୍ଭରଶୀଳ ସମ୍ପର୍କରେ ପ୍ରଶାନ୍ତ ନିଜର ବକ୍ତବ୍ୟ ରଖିଥିଲେ । କେବଳ ଏତିକି ନୁହେଁ ମହିଳାମାନଙ୍କୁ ଆଗକୁ ନେବାରେ ସରକାରଙ୍କ ଯୋଜନା ସମ୍ପର୍କରେ ମଧ୍ୟ କହିବାକୁ ପଛାଇ ନଥିଲେ । ପ୍ରଶାନ୍ତଙ୍କ ଏମିତି କିଛି ରାଜନୈତିକ ଭାଷଣ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ।

ମୂଳ କିର୍ତ୍ତନ୍ୟର ବିଧି ବ୍ୟବସ୍ଥାକୁ ପୁନଃ ଉଦ୍ଧାର କରିବା ପାଇଁ ରାଧାରାଣୀ ସାଂସ୍କୃତିକ ସଂସଦର କର୍ମଶାଳା

ବଲାଗିଂର , ୧୧/୩ (ନି.ପ୍ର): ବର୍ତ୍ତମାନ ସମୟରେ ଏକ ଯୌଗିକ ଧାରାର ବୈଷ୍ଣବ ଧର୍ମ ଅନ୍ତର୍ଗତ ସଂକିର୍ତ୍ତନ୍ୟକୁ ଅତ୍ୟାଧୁନୀକ ମନୋରଞ୍ଜ ନ ଧର୍ମୀକରି ଏକ ବିଭତ୍ସ ଉତ୍କଟ କାମୁକ ଭାବ ପ୍ରଦର୍ଶନ କରି ସନାତନ ଧର୍ମର ଅପମାନିତ କରାଯାଉଛି ।ଏପରି ସମୟରେ ମୂଳ କିର୍ତ୍ତନ୍ୟର ବିଧି ବ୍ୟବସ୍ଥାକୁ ପୁନଃ ଉଦ୍ଧାର କରିବା ପାଇଁ ବଲାଗିଂର ର ରାଧାରାଣୀ ସାଂସ୍କର୍ତିକ ସଂସଦ ଦ୍ୱାରା ଗତ ତାଃ୭ଓ୮ରିଖ ଦୁଇ ଦିନ ଧରି ଏକ ଆଲୋଚନା ଚକ୍ରଓକର୍ମ

ଗରମାଗରମ ରୁଟି ସହ ଖାଆନ୍ତୁ ଦହି ମଟନ

ଆବଶ୍ୟକ ସାମଗ୍ରୀ: ମଟନ, ସୋରିଷ ତେଲ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଲୁଣ, ହେଙ୍ଗୁ, ପାନ ମଧୁରୀ ଗୁଣ୍ଡ, ଧନିଆ ଗୁଣ୍ଡ, ଡାଲଚିନ ଗୁଣ୍ଡ, ଦହି, ଗୁଜରାତି ଗୁଣ୍ଡ ଓ ଗୋଟା ଲବଙ୍ଗ

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ମଟନକୁ ଆଣି ତାକୁ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଅଦା ପେଷ୍ଟକୁ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ଓ ହେଙ୍ଗୁ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ମଟନକୁ ପକାଇ କିଛି ସମୟ ପାଇଁ କଷନ୍ତୁ।

ମଟନ କଷି ହୋଇଯିବା ପରେ ସେଥିରେ ଏକ ଚାମଚ ପାନ ମଧୁରୀ ଗୁଣ୍ଡ, ଧନିଆ ଗୁଣ୍ଡ ଓ ଡାଲଚିନ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ। ତାପରେ ଡ଼ାଙ୍କୁଣି ଘୋଡ଼ାଇ ଆଞ୍ଚରେ ବସାଇ ଦିଅନ୍ତୁ। କିଛି ସମୟ ପରେ ଡାଙ୍କୁଣି କାଢ଼ି ଦିଅନ୍ତୁ, ସେଥିରେ ବସା ଦହିକୁ ପକାଇ ଧିମା ଆଞ୍ଚ କରି ବସାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ପାଣି ଦେଇ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ୨୦ରୁ ୨୫ ମିନିଟ ପରେ ଘୋଡ଼ଣୀ କାଢ଼ି ଦିଅନ୍ତୁ। ସେଥିରେ ଗୁଜରାତି ଗୁଣ୍ଡ ଓ ଗୋଟା ଲବଙ୍ଗ ପକାଇ ଗୋଳାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଦହି ମଟନ। ଏହାକୁ ଭାତ ଓ ରୁଟି ସହ ଖାଇପାରିବେ।

ଖରାଦିନେ ଘରେ ତିଆରି କରନ୍ତୁ ଶାଗୁ ପଣା

ଖରାଦିନେ ପେଟ ଥଣ୍ଡା ରଖିବା ପାଇଁ ବେଲ ପଣା ଓ ଶାଗୁ ପଣା କରି ପିଇଥାନ୍ତି। ସାଧାରଣତଃ ଆମେ ବଜାରରୁ କିଣି ପାଇଥାନ୍ତି। ଜାଣିଛନ୍ତି, ଏହାକୁ ଆପଣ ଘରେ ତିଆରି କରି ପିଇପାରିବେ। ଆସନ୍ତ ଜାଣିବା ଘରେ କିପରି ତିଆରି ଶାଗୁ ପଣା।

ଆବଶ୍ୟକ ସାମଗ୍ରୀ: ଶାଗୁ, ମିଶିରି, ନଡ଼ିଆ କୋରା, ଛେନା, କଟା ଅଙ୍ଗୁର, ବେଦନା, କାଜୁ, ଆଲମଣ୍ଡ, ଚେରି, କଦଳି, ସେଓ, ଦହି, ଗୋଲମରି ଗୁଣ୍ଡ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଶାଗୁକୁ ୨ରୁ ୩ ଘଣ୍ଟା ପୂର୍ବରୁ ଭିଜାଇ ରଖି ଦିଅନ୍ତୁ। ଏହା ଭଲ ଭାବରେ ଭିଜିଗଲା ପରେ ଶାଗୁକୁ ପାଣିରୁ ଛାଣି ଅନ୍ୟ ପାତ୍ରରେ ରଖନ୍ତୁ। ପରେ ଦହିକୁ ଏକ ପାତ୍ରକୁ ଆଣି ଭଲ କରି ଗୋଳାନ୍ତୁ। ପରେ ସେଥିରେ ଅଳ୍ପ ମିଶିର ପାଣି ପକାନ୍ତୁ। ପରେ ତାକୁ କିଛି ସମୟ ଗୋଳାନ୍ତୁ। ଏହାପରେ ସେଥିରେ ଶାଗୁ, ନଡ଼ିଆ କୋରା, ଛେନା, କଟା ଅଙ୍ଗୁର, ବେଦନା, କଟା କଦଳି, କଟା ସେଓ ଓ ଗୋଲମରି ଗୁଣ୍ଡ ପକାଇ ହାଲକା ଭାବରେ ଚକଟି ଦିଅନ୍ତୁ। ପରେ ଏହାକୁ ଏକ ଗ୍ଲାସକୁ ଢ଼ାଳି ରଖନ୍ତୁ। ତା' ଉପରେ କାଜୁ, ଆଲମଣ୍ଡ ଓ ଚେରି ଦେଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଶାଗୁ ପଣା। ଏହାକୁ ଆପଣ ଉପବାସରେ ମଧ୍ୟ ଖାଇପାରିବେ।

ଟାଇଲରୁ ଦାଗ ଛଡାଏ ଏହି ଫଳର ଚୋପା: ନଫିଙ୍ଗି କରନ୍ତୁ ବ୍ୟବହାର

ଗ୍ରୀଷ୍ମଋତୁରେ ଅମୃତଭଣ୍ଡା, ତରଭୁଜ, ଲିଚି ଏବଂ ତରଭୁଜ ପରି ଫଳର ଚାହିଦା ବେଶ୍ ଅଧିକ। ଏହି ସବୁ ଫଳ ହାଇଡ୍ରେଟ ରଖିଥାଏ। ହେଲେ ଆମେ ଫଳ ଖାଇ ତାର ଚୋପାକୁ ଫିଙ୍ଗିଦେଉ, ଜାଣନ୍ତି କି ଏହି ଚୋପା ଅନେକ ଘରୋଇ କାମରେ ଆସିପାରିବ। କିପରି ଘରୋଇ ବ୍ୟବହାର କରିବେ, ଜାଣନ୍ତୁ...

ଟାଇଲରୁ ଦାଗ ହଟାନ୍ତୁ

ତରଭୁଜ ଚୋପାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଥାଏ। ଏହା ଟାଇଲ୍ସରେ ଲାଗିଥିବା ଦାହ ଦୂର କରିବାରେ ସହାୟକ ହେବ। ଏଥିପାଇଁ ତରଭୁଜ ଚୋପାକୁ ଗ୍ରାଇଣ୍ଡ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏଥିରେ ଏକ ଚାମଚ ବାସନ ସଫା ଲିକୁଇଡ୍ ମିଶାନ୍ତୁ। ଏହି ପେଷ୍ଟକୁ ଦାଗ ଥିବା ସ୍ଥାନରେ ଲଗାନ୍ତୁ ଏବଂ କିଛି ସମୟ ପରେ ପାଣିରେ ସଫା କରିଦିଅନ୍ତୁ। ରୋଷେଇ ଘରେ ରଖାଯାଇଥିବା ବାକ୍ସଗୁଡ଼ିକରେ ଧୂଳି ଏବଂ ମଇଳା ଜମା ହୋଇଯାଏ। ଏହାକୁ ଦୂର କରିବା ପାଇଁ ଅମୃତଭଣ୍ଡା ଚୋପାକୁ ଗ୍ରାଇଣ୍ଡ୍ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ପେଷ୍ଟକୁ ଧୂଳି ଜମାଟ ସ୍ଥାନରେ ଲଗାନ୍ତୁ ଏବଂ ପରେ ଏହାକୁ ଏକ କପଡ଼ାରେ ପୋଛିଦିଅନ୍ତୁ।

ଉଦ୍ଭିଦକୁ ସତେଜ ରଖନ୍ତୁ

ପରିବା ଚୋପାକୁ କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା ଜାଣିଥିବେ ନିଶ୍ଚୟ। ଏହି ପତ୍ରର ଏକ ପ୍ରକାର ଜୁସ୍ ମଧ୍ୟ କରିପାରିବେ, ଯାହାକୁ ଗଛର ସିଞ୍ଚନ କଲେ ପତ୍ର ସତେଜ ଏବଂ ସବୁଜ ହୋଇଥାଏ। ଏଥିପାଇଁ ପରିବା ଚୋପାକୁ ଭଲ ଭାବରେ ଘୋଡାନ୍ତୁ ଏବଂ ଏହାକୁ ୩ ଦିନ ଛାଡିଦିଅନ୍ତୁ। ତିନି ଦିନ ମଧ୍ୟରେ ପ୍ରତିଦିନ ସେଥିରେ କିଛି କିଛି ପାଣି ମିଶାନ୍ତୁ। ବର୍ତ୍ତମାନ ଏହି ପାଣିକୁ ଗୋଟିଏ ବୋତଲରେ ଭରି ଗଛରେ ସ୍ପ୍ରେ କରନ୍ତୁ।

ହରମୋନ ଅସନ୍ତୁଳନ ହେଲେ ମହିଳାଙ୍କର ଦେଖାଦିଏ ଏହି ସବୁ ଲକ୍ଷଣ

ବୟସ ସହ ମହିଳାଙ୍କ ଶରୀରରେ ହରମୋନରେ ପରିବର୍ତ୍ତନ ଘଟେ। ଶରୀରର ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ହରମୋନ ଅସନ୍ତୁଳ, ଅନେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ। ହେଲେ ଅଧିକାଂଶ ମହିଳା ଏ ବାବଦରେ ଜାଣିପାରନ୍ତି ନାହିଁ। କେଉଁ ସବୁ ଲକ୍ଷଣ ଦେଖାଦେଲେ, ହରମୋନ ଅସନ୍ତୁଳନ ହୋଇଛି ବୋଲି ଜାଣିବେ, ଜାଣନ୍ତୁ...

ମାସିକ ଅବଧିରେ ଅନିୟମିତତା - ଯଦି ମାସ ମାସ ଧରି ପିରିୟଡ୍ସ ଆଗୁଆ କିମ୍ବା ବିଳମ୍ବ ହେଉଛି, ତେବେ ଏହା ହରମୋନାଲ ପରିବର୍ତ୍ତନର ସଙ୍କେତ ହୋଇପାରେ। ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ (ଚଉଡଝ) କିମ୍ବା ଥାଇରଏଡ୍ ଭଳି ସମସ୍ୟା କ୍ଷେତ୍ରରେ ଏହିପରି ଲକ୍ଷ୍ୟଣ ଦେଖା ଦେଇପାରେ। ତେଣୁ ଲଗାତାର ଭାବେ ଏହି ପରିବର୍ତ୍ତନ ଦେଖୁଥିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

ଓଜନ ବୃଦ୍ଧି କିମ୍ବା ହ୍ରାସ - ଦ୍ରୁତ ଓଜନ ବୃଦ୍ଧି କିମ୍ବା ହ୍ରାସ ହରମୋନାଲ ଅସନ୍ତୁଳନର ସଙ୍କେତ ହୋଇପାରେ। ହଠାତ୍ ଓଜନ ବୃଦ୍ଧି ପାଉଥିଲେ କିମ୍ବା ହ୍ରାସ ପାଉଥିଲେ ଡାକ୍ତରୀ ପରୀକ୍ଷା କରନ୍ତୁ।

ଚର୍ମ ସମ୍ବନ୍ଧୀୟ ସମସ୍ୟା- ହରମୋନ ପରିବର୍ତ୍ତନର ଲକ୍ଷଣ ଚର୍ମରେ ମଧ୍ୟ ଦେଖାଯାଏ। ଏହି କାରଣରୁ ବ୍ରଣ, ତେଲିଆ ଚର୍ମ କିମ୍ବା ଅତ୍ୟଧିକ ଶୁଷ୍କତା ଭଳି ସମସ୍ୟା ହୋଇଥାଏ। ଯଦି ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଚିକିତ୍ସା କରାଇ ନିଅନ୍ତୁ।

ମୁଡ୍ ସୁଇଙ୍ଗ୍- ହରମୋନ୍ ଅସନ୍ତୁଳନ ମୁଡ୍ ସୁଇଙ୍ଗର ମୁଖ୍ୟ କାରଣ। ଏହା ଫଳରେ ଚିଡ଼ଚିଡ଼ା, ଚିନ୍ତା କିମ୍ବା ଉଦାସୀନତା ଦେଖାଦିଏ। ଏପରି ହେଉଥିଲେ ପ୍ରଥମେ ନିଜକୁ ଖୁସି ରଖିବାକୁ ଚେଷ୍ଟା କରନ୍ତୁ, ଗୀତ ଶୁଣନ୍ତୁ, ଡାଏରୀ ଲେଖନ୍ତୁ। ଯଦି ସମସ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରୁଛନ୍ତି, ତେବେ ଡାକ୍ତରଙ୍କୁ ଜଣାନ୍ତୁ।

ଥକ୍କା ଏବଂ ନିଦ ନହେବା - ଥକାପଣ, ଶକ୍ତି ଅଭାବ ଏବଂ ନିଦ ନହେବା ହରମୋନାଲ ଅସନ୍ତୁଳନର ଲକ୍ଷଣ ହୋଇପାରେ। ଗୁରୁତର ସମସ୍ୟା ହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

କେଶ ଝଡ଼ିବା - କେଶ ଝଡ଼ିବା, ପତଳା ହେବା କିମ୍ବା କେଶର ପରିବର୍ତ୍ତନ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ହୋଇଥାଏ। ହରମୋନାଲ ପରିବର୍ତ୍ତନ ଏହାର ଏକ କାରଣ ହୋଇପାରେ। ଏଥିପାଇଁ ଏକ ସୁସ୍ଥ ଖାଦ୍ୟ ଗ୍ରହଣ କରନ୍ତୁ ଏବଂ ଚାପରୁ ଦୂରରେ ରୁହନ୍ତୁ। ଯଦି ସମସ୍ୟା ସମାଧାନ ନହୁଏ, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

ସୁନ୍ଦର ଦିଶିବାର ସାତ ସୂତ୍ର

ଭଲ ନିଦ

ଖାଦ୍ୟ ଏବଂ ସୁଖ ନିଦ ସୁନ୍ଦର ସ୍ୱାସ୍ଥ୍ୟର ମୂଳ ସୂତ୍ର। ଯେଉଁ ବ୍ୟକ୍ତି ପର୍ଯ୍ୟାପ୍ତ ଶୋଇଥାନ୍ତି ଏବଂ ଆବଶ୍ୟକ ପରିମାଣରେ ଖାଦ୍ୟ ସେବନ କରନ୍ତି, ସେମାନେ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖନ୍ତି। ତେଣୁ ସର୍ବଦା ଏକ ଭଲ ନିଦ ପାଇଁ ଚେଷ୍ଟା କରନ୍ତୁ। ଦିନକୁ ୮-୯ ଘଣ୍ଟା ଶୋଇବା ଫଳରେ ଆଖି ତଳେ ଦେଖା ଯାଉଥିବା ଡାର୍କ ସର୍କଲ ଦୂର ହୋଇଥାଏ। ଏଥିସହ ତ୍ୱଚାରେ ଚମକ ମଧ୍ୟ ଆସିଥାଏ।

ପର୍ଯ୍ୟାପ୍ତ ପାଣି ପିଅନ୍ତୁ

ପର୍ଯ୍ୟାପ୍ତ ପରିମାଣର ପାଣି ଚର୍ମକୁ ଚମକାଇବାରେ ସାହାଯ୍ୟ କରେ। ଏହା ଆମ ଶରୀରରୁ ଆବର୍ଜନା ନିଷ୍କାସନ କରି ନୂଆ କୋଷ ସୃଷ୍ଟି କରିବାରେ ସହାୟକ ହୁଏ। ପାଣିରେ କିଛି ଉପକାରୀ ଦ୍ରବ୍ୟ ମଧ୍ୟ ମିଶ୍ରଣ କରି ପିଇପାରିବେ। ସକାଳେ ଗୋଟିଏ ଗ୍ଲାସ ପାଣିରେ ଡାଲଚିନି ମିଶାଇ ପିଅନ୍ତୁ। ଏହା କେବଳ ଓଜନ ହ୍ରାସ କରିବାରେ ସାହାଯ୍ୟ କରିବନି, ବରଂ ତ୍ୱଚାରେ ମଧ୍ୟ ଚମକ ଆଣିବ। ଏହା ବ୍ୟତୀତ ପାଣିରେ ଷ୍ଟ୍ରବେରି ରସ ମଧ୍ୟ ମିଶାଇ ପିଇପାରିବେ। ଏହା ତ୍ୱଚାରେ ଦାଗ ସମସ୍ୟା ଦୂର କରିଥାଏ।

ବ୍ୟାୟାମ

ବ୍ୟାୟାମର ଅର୍ଥ କେବଳ ଓଜନ ହ୍ରାସ କରିବା ନୁହେଁ, ଏହା ଶରୀରର ସଠିକ୍ ଆକାର ଆଣିବା ସହ ଚେହେରାରେ ଚମକ ଆଣିଥାଏ ବ୍ୟାୟାମ। ବ୍ୟାୟାମ କରିବା ଦ୍ୱାରା ଚେହେରାରେ ଚମକ ବଢିଥାଏ ଏବଂ ମନ ମଧ୍ୟ ଉଲ୍ଲସିତ ରହିଥାଏ। ବ୍ୟାୟାମ ସମୟରେ ଶୀରରରୁ ଝାଳ ଏବଂ ଚର୍ମରୁ ମଇଳା ନିଷ୍କାସିତ ହୋଇଯାଏ, ଯାହା ତ୍ୱଚାରେ ଚମକ ଆଣିବାରେ ସହାୟକ ହୋଇଥାଏ।

ଯୋଗ ଅଭ୍ୟାସ

ଯୋଗ ତ୍ୱଚାକୁ ଚମକ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଚେହେରାରେ ଚମକ ଆଣିଥିବା ମୁଖ୍ୟ ଯୋଗଗୁଡ଼ିକ ହେଉଛି - ଚକ୍ରାସନ, ସର୍ବାଙ୍ଗାସନ, ଶୀର୍ଷାସନ ଏବଂ ପ୍ରାଣାୟାମ। ଏହି ଆସନା ଶରୀରରେ ଅମ୍ଳଜାନ ଏବଂ ରକ୍ତ ପ୍ରବାହକୁ ବଢାଇଥାଏ, ଯାହା ଚେହେରାରେ ଚମକ ଆଣିଥାଏ। ଏହି ଯୋଗଗୁଡ଼ିକ ଚେହେରାର କୁଞ୍ଚନକୁ ହ୍ରାସ କରିଥାଏ।

ସାବୁନ ବ୍ୟବହାର କରନ୍ତୁ ନାହିଁ

ଅଧିକାଂଶ ଲୋକ ଅତ୍ୟଧିକ ସାବୁନ ବ୍ୟବହାର କରନ୍ତି। ଏହା ତୈଳ ଅଂଶ ଦୂର କରିଥାଏ ସତ, କିନ୍ତୁ ସାବୁନରେ ଥିବା କେମିକାଲ ଚର୍ମ ପାଇଁ ଭଲ ନୁହେଁ। ଏହା ବ୍ୟତୀତ ତ୍ୱଚାକୁ ଶୁଷ୍କ କରିଦିଏ ସାବୁନ ଏବଂ ଚର୍ମରୁ ପ୍ରାକୃତିକ ତୈଳ ଅଂଶକୁ ନଷ୍ଟ କରିଦିଏ। ତେଣୁ ସାବୁନ ପରିବର୍ତ୍ତେ ଚର୍ମକୁ ସୁହାଇଲା ଭଳି ଡାକ୍ତରଙ୍କ ପରାମର୍ଶିତ ପ୍ରଡକ୍ଟ ବ୍ୟବହାର କରନ୍ତୁ।

ଚିନ୍ତା ମୁକ୍ତ ରୁହନ୍ତୁ

ଚାପ ହେଉଛି ସ୍ୱାସ୍ଥ୍ୟର ବଡ଼ ଶତ୍ରୁ। ଏହା ବାହାରକୁ ଦୃଶ୍ୟମାନ ହେଉନଥିଲେ ମଧ୍ୟ ଭିତରୁ ଶରୀରକୁ ଦୁର୍ବଳ କରିଦିଏ। ଚାପ କାରଣରୁ ଆମ ଶରୀର କର୍ଟିସୋଲ ନାମକ ଏକ ହରମୋନ୍ ମୁକ୍ତ କରିଥାଏ, ଯାହା ଚର୍ମକୁ କ୍ଷତି ପହଞ୍ଚାଇଥାଏ। ମୁହଁରେ ବ୍ରଣ ହେବାର ଗୋଟିଏ କାରଣ ହେଉଛି କ୍ରମାଗତ ଚାପରେ ରହିବା। ତେଣୁ ମନକୁ ଫୁର୍ତ୍ତି ରଖିବାକୁ ଚେଷ୍ଟା କରନ୍ତୁ। ଚାପ ସମୟରେ ଶରୀରକୁ ଶାନ୍ତ କରିବା ପାଇଁ, ଥଣ୍ଡା ପାଣିରେ ଗାଧୋଇବା ଉଚିତ୍। ଯଦି ଚାହାଁନ୍ତି, ଗାଧୋଇବା ସମୟରେ ସୁଗନ୍ଧିତ ଦ୍ରବ୍ୟ ମଧ୍ୟ ବ୍ୟବହାର କରିପାରିବେ।

ଶୋଇବା ପୂର୍ବରୁ ମୁହଁ ଧୁଅନ୍ତୁ

ଦିନ ସାରାର ମେକ-ଅପ୍ ଏବଂ ବାୟୁମଣ୍ଡଳରେ ଥିବା ଧୂଳିକଣା ମୁହଁରେ ଜମା ହୋଇଯାଇଥାଏ। ତେଣୁ ଶୋଇବା ପୂର୍ବରୁ ମୁହଁ ଧୋଇବାକୁ ଭୁଲନ୍ତୁ ନାହିଁ। ନଚେତ୍ ଡେଡ୍ ସେଲ୍ ଧିରେ ଧିରେ ତ୍ୱଚାକୁ କ୍ଷତି ପହଞ୍ଚାଇପାରେ। ସର୍ବପ୍ରଥମେ, ଘରକୁ ଆସିବା ମାତ୍ରେ ମୁହଁରୁ ମେକଅପ୍ କାଢନ୍ତୁ। ଏଥିପାଇଁ ଆପଣ କ୍ଲିନିଂ ଅଏଲ୍ କିମ୍ବା ମେକଅପ୍ ରିମୁଭର୍ ବ୍ୟବହାର କରିପାରିବେ। ଏଥିସହ ରାତିରେ ଶୋଇବା ପୂର୍ବରୁ ଭଲ ନାଇଟ୍ କ୍ରିମ୍ ବ୍ୟବହାର କରିପାରିବେ। ଏହା ଚେହେରାରେ ଚମକ ଆଣିବାରେ ସହାୟକ ହୋଇପାରିବ।

କାହିଁକି ସ୍ୱାସ୍ଥ୍ୟ ପାଇଁ ହାନିକାରକ ପ୍ୟାକେଟ୍ ଅଟା ?

ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ପ୍ୟାକେଟ୍ ଅଟା ବ୍ୟବହାର କରୁଛନ୍ତି। ଖୋଲା ଅଟା କିଣିବା ଏବଂ ବିକ୍ରୟ ଧୀରେ ଧୀରେ ହ୍ରାସ ପାଉଛି। ହେଲେ ଅଧିକ ଦାମରେ ମିଳୁଥିବା ଏହି ପ୍ୟାକେଟ ଅଟା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ଏହାର କାରଣ କଣ ଏବଂ ବିକଳ୍ପ ଭାବେ କେଉଁ ଅଟା ବ୍ୟବହାର କରିବେ, ଜାଣନ୍ତୁ...

ବଜାରରେ ମିଳୁଥିବା ଅଟା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ, ମାତ୍ର ଏଥିରୁ ସମସ୍ତ ପଷୋକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ। ଅଟାକୁ ସତେଜ ଦେଖାଯିବା ପାଇଁ ଅଧିକ ପେଷାଯିବା କାରଣରୁ ଏଥିରୁ ଫାଇବର ମଧ୍ୟ ହ୍ରାସ ପାଇଥାଏ। ଏହି କାରଣରୁ ପ୍ୟାକେଟ ଅଟାରୁ ତିଆରି ରୁଟି ହଜମ ହେବାରେ ବିଳମ୍ବ ହୋଇଥାଏ।

ଅନେକ ସମୟରେ ଅଟାକୁ ଅଧିକ ଧଳା କରିବା ପାଇଁ ଖରାପ ଚାଉଳକୁ ଏଥିରେ ମିଶା ଯାଇଥାଏ। ଅଟାକୁ ମଧ୍ୟ ଦୀର୍ଘଦିନ ପର୍ଯ୍ୟନ୍ତ ସତେଜ ରଖିବା ପାଇଁ ଏଥିରେ ଅନେକ ପ୍ରକାର ରାସାୟନିକ ମିଶା ଯାଇଥାଏ। ତେଣୁ ବହୁ ଦିନ ଧରି ପ୍ୟାକେଟରେ ଥିବା ଅଟା ଖାଇବା ଫଳରେ ମେଦବହୁଳତା, ମଧୁମେହ ଏବଂ ହଜମରେ ସମସ୍ୟା ହେବାର ଆଶଙ୍କା ବଢିଥାଏ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହି ପ୍ୟାକେଟ୍ ଅଟା ଆଦୌ ଭଲ ନୁହେଁ।

ମଧୁମେହରେ ଦୁର୍ବଳତା ଦୂର କରେ ଏହି ସବୁ ଖାଦ୍ୟ

ମଧୁମେହ ରୋଗୀଙ୍କର ବିଭିନ୍ନ ସମସ୍ୟା ମଧ୍ୟରେ ଆଉ ଏକ ମୁଖ୍ୟ ସମସ୍ୟା ଥାଏ ଦୁର୍ବଳତା। କାରଣ ଜଣେ ମଧୁମେହ ରୋଗୀ ଅଧିକ ଭୋକିଲା ଅନୁଭବ କରନ୍ତି ଏବଂ ସେମାନେ ଖାଇବା ପରେ ମଧ୍ୟ ଦୁର୍ବଳତା ଏବଂ ଥକ୍କା ଦୂର ହୁଏ ନାହିଁ। ଏହାର ମୁଖ୍ୟ କାରଣ ହେଉଛି, ରକ୍ତରେ ଶର୍କରା ବୃଦ୍ଧି।ରକ୍ତରେ ଶର୍କରା ବୃଦ୍ଧି କାରଣରୁ ଶରୀରର ଶକ୍ତି ହ୍ରାସପାଏ। ମଧୁମେହ ରୋଗୀଙ୍କ ଶରୀରର ଶକ୍ତି ପାଇଁ ଖାଦ୍ୟ ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍। କେଉଁ ସବୁ ଖାଦ୍ୟ ଖାଇଲେ ମଧୁମେହ ରୋଗୀଙ୍କ ଦୁର୍ବଳତା ହ୍ରାସପାଏ, ଜାଣନ୍ତୁ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ରକ୍ତରେ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଏବଂ ଶରୀରକୁ ଶକ୍ତିଶାଳୀ କରିବା ପାଇଁ ଜଣେ ମଧୁମେହ ରୋଗୀ କମ୍ ଚର୍ବିଯୁକ୍ତ ପ୍ରୋଟିନ୍ ଏବଂ କ୍ୟାଲସିୟମରେ ଭରପୂର ଖାଦ୍ୟ ଗ୍ରହଣ କରିବା ଉଚିତ୍। ଏହା ମାଂସପେଶୀ ଏବଂ ହାଡକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ ଏବଂ ଶରୀରକୁ ଶକ୍ତି ଯୋଗାଇଥାଏ।

ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ। ଚିକେନ୍, ଅଣ୍ଡା, ମାଛ ପରି ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଖାଆନ୍ତୁ। ସର୍ବଦା ଧ୍ୟାନ ଦେବେ, ପ୍ରୋଟିନ ଯୁକ୍ତ ଖାଦ୍ୟ ବାଛିବା ବେଳେ ଯେପରି ଅଧିକ ଚର୍ବି ନଥିବା ଖାଦ୍ୟ ବାଛନ୍ତୁ। ତେଣୁ ସର୍ବଦା ସୀମିତ ପରିମାଣର ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ।

ମଧୁମେହ ରୋଗୀଙ୍କ ଏନର୍ଜି ପାଇଁ କ୍ୟାଲସିୟମରେ ଭରପୂର ଖାଦ୍ୟ ଖାଇପାରିବେ। ଏଥିପାଇଁ କମ୍ ଚର୍ବି କ୍ଷୀର, ପନିର ଏବଂ କଦଳୀ ଖାଆନ୍ତୁ। ଏହା ଶରୀରକୁ ଉଭୟ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ଯୋଗାଇବ। ସୋୟାବିନରୁ ପ୍ରସ୍ତୁତ ଟୋଫୁ ଖାଇପାରିବେ।

ବାଦାମ ଏବଂ ପନିପରିବା- ଜଣେ ମଧୁମେହ ରୋଗୀ ଖାଦ୍ୟରେ ବାଦାମ ଏବଂ ଅଖରୁଟ୍ ଅନ୍ତର୍ଭୁକ୍ତ କରିବା ଉଚିତ୍। ଏହା ଶରୀରକୁ ଭିଟାମିନ୍, କ୍ୟାଲସିୟମ୍ ଏବଂ ସୁସ୍ଥ ଚର୍ବି ଯୋଗାଇଥାଏ। ବ୍ରୋକୋଲି, କାଲେ,

ପାଳଙ୍ଗ ଏବଂ କୋବି ଖାଇବା ମଧ୍ୟ ମଧୁମେହରେ ଉପକାରୀ ବୋଲି ବିବେଚନା କରାଯାଏ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭାରତର ନୂତନ ନ୍ୟାୟ ସଂହିତା...

ଆସନ୍ତା ଜୁଲାଇ, ୧ ତାରିଖରୁ ଆମ ଦେଶରେ ନୂଆ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବାକୁ ଯାଉଛି। ବ୍ରିଟିଶ ସରକାରଙ୍କ ଦ୍ୱାରା ୧୮୬୦ ମସିହାରେ ପ୍ରଣୀତ ଭାରତୀୟ ପିଙ୍ଗଳ କୋଡକୁ 'ଭାରତୀୟ ନ୍ୟାୟ ସଂହିତା', ୧୮୮୯ ମସିହାରେ ପ୍ରଣୀତ ଓ ୧୯୭୨ ମସିହାରେ ସଂଶୋଧିତ ଫୌଜଦାରୀ କାର୍ଯ୍ୟବିଧି ଆଇନକୁ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ଏବଂ ଭାରତୀୟ ସାକ୍ଷ୍ୟ ବିଧି ଆଇନକୁ 'ଭାରତୀୟ ସାକ୍ଷ୍ୟ ଅଧିନିୟମ'ରେ ପରିବର୍ତ୍ତନ କରାଯାଇଛି। ପ୍ରଚଳିତ ଆଇନରେ ବ୍ରିଟିଶ ଶାସକମାନଙ୍କ ଔପନିବେଶିକ ମାନସିକତା ପ୍ରତିଫଳିତ ହେଉଥିବାରୁ ଏହାକୁ ଉଚ୍ଛେଦ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଏହି କାରଣରୁ ନ୍ୟାୟିକ ସଂହିତା ପ୍ରଣୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଂସଦରେ ପାରିତ ହେବା ପରେ ଗତ ବର୍ଷ ଡିସେମ୍ବର ୨୫ ତାରିଖରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ଏହା ଆଇନରେ ପରିଣତ ହୋଇଛି। ମାତ୍ର ଏହାକୁ ଆସନ୍ତା ଜୁଲାଇ ମାସ ୧ ତାରିଖରେ କାର୍ଯ୍ୟକାରୀ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା କାର୍ଯ୍ୟକାରୀ ହେଲେ ତଦନ୍ତକାରୀ ସଂସ୍ଥା ଯଥା ପୁଲିସ, ଓକିଲ ଓ ବିଚାରପତିମାନଙ୍କ ପାଇଁ ପ୍ରାଥମିକସ୍ତରରେ କିଛିଟା ଅସୁବିଧା ହୋଇପାରେ। ତେଣୁ ବିଶାଲ ତିୱାରି ନାମକ ଜନୈକ ଆଇନଜୀବୀ ଏହି ଆଇନକୁ କାର୍ଯ୍ୟକାରୀ କରିବା ଆଗରୁ ଦେଶର ପ୍ରମୁଖ ସମ୍ବିଧାନ ବିଶାରଦମାନଙ୍କ ଦ୍ୱାରା ତର୍ଜମା କରିବା ପାଇଁ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଛନ୍ତି। ପୁରୁଣା ଆଇନର ଦଫାକୁ କେବଳ ପରିବର୍ତ୍ତନ କରାଯାଇଛି ବୋଲି ବିରୋଧୀମାନେ ଅଭିଯୋଗ କରି ଆସୁଛନ୍ତି। ମାତ୍ର ସରକାରଙ୍କ ତରଫରୁ କୁହାଯାଉଛି ଯେ ବିଚାର ପ୍ରକ୍ରିୟା ସର୍ବାଧିକ ୩ ବର୍ଷ ଭିତରେ ଶେଷ ହେଉଥିବାରୁ 'ତାରିଖ' ଯୁଗର ଅବସାନ ହେବ ବୋଲି ଆଶା କରାଯାଉଛି। ନୂଆ ଆଇନରେ ମୋଟ ୩୧୩ଟି ଧାରା ସଂଯୋଗ କରାଯାଇଛି। ମହିଳା ଓ ନାବାଳିକାମାନଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ନାବାଳିକା ଯୌନ ନିର୍ଯାତନା ପାଇଁ ସର୍ବାଧିକ ଦଣ୍ଡବିଧାନ ଫାଶୀ କିମ୍ବା ଆଜୀବନ କାରାଦଣ୍ଡ ବ୍ୟବସ୍ଥା କରାଯାଇଛି। ଫୌଜଦାରୀ କାର୍ଯ୍ୟବିଧି ଆଇନ (ସିଆରପିସିରେ ପୂର୍ବରୁ ୪୮୪ ଟି ଧାରା ଥିବା ବେଳେ ନୂଆ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା' ରେ ମୋଟ ୫୩୧ଟି ଧାରା ରହିଛି ଓ ୧୬୦ଟି ଧାରାକୁ ପରିବର୍ତ୍ତନ କରାଯାଇ ୯ଟି ନୂଆ ଧାରା ଯୋଗ କରାଯାଇଛି। ଭାରତୀୟ ପିଙ୍ଗଳ କୋଡ(ଆଇପିସିରେ ମୋଟ ୫୧୧ ଗୋଟି ଦଫା ରହିଥିବା ବେଳେ ନୂଆ 'ଭାରତୀୟ ନ୍ୟାୟ ସଂହିତା'ରେ ମୋଟ ୩୫୮ ଗୋଟି ଧାରା ରହିଛି ଓ ୮ଗୋଟି ନୂଆ ଧାରା ଯୋଗ କରାଯାଇଛି। ସେହିପରି ଭାରତୀୟ ସାକ୍ଷ୍ୟ ବିଧି ଆଇନ ବା 'ଭାରତୀୟ ସାକ୍ଷ୍ୟ ଅଧିନିୟମ'ରେ ମୋଟ ୧୬୭ ଧାରା ଥିବା ବେଳେ ତାହାକୁ ୧୭୦କୁ ବୃଦ୍ଧି କରାଯାଇଛି, ଯେଉଁଥିରେ ୨୩ ଗୋଟି ଧାରାର ପରିବର୍ତ୍ତନ କରାଯାଇଛି। ପିଙ୍ଗଳ କୋଡର ଦଫା ୩୦୭ କୁ ୧୦୮, ଦଫା ୩୭୫, ୩୭୬ କୁ ୬୩, ଦଫା ୬୯ ଓ ଦଫା ୩୦୨କୁ ୧୦୧, ଗଣ ବଳାତ୍କାର ଅପରାଧ ପାଇଁ ଉଦ୍ଦିଷ୍ଟ ଦଫା ୩୭୬କୁ ୭୦, ବଧୂହତ୍ୟା ଦଫା ୩୦୪(ଖ)କୁ ୮୦, ମାନହାନି ପାଇଁ ଦଫା ୪୯୯, ୫୦୦ କୁ ୩୫୬, ରାଜଦ୍ରୋହ ଦଫା ୧୨୪(କ) କୁ ୧୫୨, ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ ଅପରାଧର ଦଫା ୧୨୧(କ)କୁ ରାଜଦ୍ରୋହ ଅପରାଧ ଭାବେ ନାମିତ କରାଯାଇ ଦଫା ୧୪୮, ଦେଶ ବିରୋଧୀ ଷଡ଼ଯନ୍ତ୍ର ପାଇଁ ଉଦ୍ଦିଷ୍ଟ ଦଫା ୧୨୧ କୁ ଦଫା ୧୪୭, ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଜନିତ ଅପରାଧ ପାଇଁ ଉଦ୍ଦିଷ୍ଟ ଦଫା ୩୦୬ କୁ ୧୦୮ରେ ପରିବର୍ତ୍ତନ କରାଯାଇଛି। ସେହିପରି ପ୍ରତାରଣା ପାଇଁ ଥିବା ଦଫା ୪୨୦ ନୂଆ ଆଇନରେ ଦଫା ୩୧୮ ହୋଇଛି। ଘୃଣ୍ୟ ଭାଷଣ ପାଇଁ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଗଣବଳାତ୍କାର ଅପରାଧ ପାଇଁ ୨୦ ବର୍ଷ ସଶ୍ରମ କାରାଦଣ୍ଡ, ଦୁର୍ଘଟଣା ଘଟାଇ ଥିବା ଚାଳକ ଯଦି ଆଘାତପ୍ରାପ୍ତ ବ୍ୟକ୍ତିକୁ ଡାକ୍ତରଙ୍କ ପାଖକୁ ନେଇ ଗଲା, ଅଭିଯୁକ୍ତର ଦଣ୍ଡ କୋହଳ ବ୍ୟବସ୍ଥା ହୋଇଛି। ପୂର୍ବରୁ ମୁଣ୍ଡକୁ ଆଘାତ କଲେ ସାଧାରଣ ଦଫା ଲାଗୁ ଥିବା ବେଳେ ନୂଆ ଆଇନରେ ଆଘାତ କାରଣରୁ ଯଦି ବ୍ରେନ ଡେଡ ହୋଇଗଲା, ତେବେ ଦଶ ବର୍ଷ ସଶ୍ରମ କାରାଦଣ୍ଡ ବ୍ୟବସ୍ଥା ରହିଛି। ଅଭିଯୁକ୍ତ ବ୍ୟକ୍ତିକୁ ଗିରଫ କରିବା ବେଳେ ବା ପରେ ତା'ର ପରିବାରକୁ ପୁଲିସ ଅବଗତ କରିବା ନୂଆ ଆଇନରେ ବାଧ୍ୟତାମୂଳକ କରାଯାଇଥିବା ବେଳେ ଅଭିଯୋଗକାରୀକୁ ୯୦ ଦିନ ଭିତରେ ତା' ମାମଲାଟିର ସ୍ଥିତି ବିଷୟରେ ଅବଗତ କରାଯିବ। ୯୦ ଦିନ ଭିତରେ ଯଦି ଅଭିଯୁକ୍ତ ଗିରଫ ବା ଆତ୍ମସମର୍ପଣ ନ କଲା, ମାମଲାଟିକୁ କୋର୍ଟ ଏକ ତରଫା ଭାବରେ ବିଚାର କରି ରାୟକୁ ସଂରକ୍ଷିତ କରି ରଖିବେ। ଗମ୍ଭୀର ଅପରାଧରେ ଦଣ୍ଡିତ ବ୍ୟକ୍ତି ମୋଟ ଦଣ୍ଡର ଅଧା ଭୋଗ କରି ସାରିଥିଲେ ବ୍ୟାବହାରିକ ପରିବର୍ତ୍ତନକୁ ବିଚାରକୁ ନେଇ ତା'କୁ ମୁକ୍ତ କାରାଯାଇ ପାରିବ। ରାୟ ସଂରକ୍ଷଣ ବାହାନାରେ କୋର୍ଟ ରାୟକୁ ୪୩ ଦିନରୁ ଅଧିକ ସମୟ ରଖି ପାରିବେ ନାହିଁ। କ୍ଷମା ଯାଚିକା କେବଳ ଅପରାଧୀ ନିଜେ ହିଁ କରି ପାରିବେ। ଏବେ ସେ ନିଜେ କିମ୍ବା ତାଙ୍କ ତରଫରୁ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏହି ଆବେଦନ କରି ପାରୁଛନ୍ତି।ଗୃହମନ୍ତ୍ରୀଙ୍କ କହିବା ମୁତାବକ ସେ ଏହି ଆଇନକୁ ତର୍ଜମା କରିବା ବେଳେ ୧୮ଟି ରାଜ୍ୟ ସରକାର, ୬ଟି କେନ୍ଦ୍ର ଶାସିତ ଅଞ୍ଚଳ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ, ୨୨ଟି ରାଜ୍ୟର ଉଚ୍ଚ ନ୍ୟାୟାଳୟ, ଅନେକ ନ୍ୟାୟାଳୟର ବିଚାରପତି, ୪୨ ଜଣ ସାଂସଦ, ୨୭୦ ଜଣ ବିଧାୟକଙ୍କ ସହ ମୋଟ ୧୫୮ଟି ବୈଠକ ଡକାଇ ସେମାନଙ୍କ ସହ ଆଲୋଚନା କରି ଏହି ନୂଆ ଆଇନ ଆଣିଛନ୍ତି।

ତୁ ପରା

କୀର୍ତ୍ତନ ସାହୁ

ତୁ ଚଳମାନ ଏକ
ଶାନ୍ତ ନଈ ଧାର
ତୋ ଗତି ଆଗକୁ ଆଗକୁ
ଦେହେ ବହି
ମମତାର ଶୁଦ୍ଧ ଜଳ
ତୁ ବାଣ୍ଟି ଚାଲୁ
ଅନାବିଳ ମନ ନେଇ
ଶ୍ରଦ୍ଧା ପ୍ରେମ ଭାବ
କିଏ ତୋତେ
ବୁଝୁ କି ନ ବୁଝୁ
ତୁ ହଜି ଯାଉ
ଦେବାର ସୁଖଦ
ଅନୁଭବ ଇଲାକାରେ
କେବେ ତୁ ପଛକୁ ଫେରୁନା
କି ହିସାବ ରଖୁନା

କିଏ କଣ ଦେବା ନ ଦେବାର
କିଏ ବୁଝିଲା ନ ବୁଝିଲାର

ତୁ ନିର୍ବିକାର
ତୋ ଗତି ପଥରେ
ତୁ ଜିତି ଚାଲୁ
ତୋ ନିର୍ମଳ
ଭାବକୁ ଧରି ରଖି
ତୋ ହୃଦୟ ଭିତରେ

ତୁ କେବେ ଥକି ଯାଉନା
ଆଗେଇ ଚାଲୁ
ଆଗକୁ ଆଗକୁ
ଛାଡି ଖାଲି ଅଭୁଲା ସ୍ମୃତି
ତୁ ପରା ଏ ଘର
ସୁଧାମୟୀ ଲକ୍ଷ୍ମୀ ।

+ମିଶ୍ର କଲୋନୀ, ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

କାଶ୍ମୀର ବ୍ୟଥା

ପ୍ରମୋଦ କୁମାର ମହାପାତ୍ର

୨୦୦୧ ମସିହାର ଘଟଣା। ମାତା ବୈଶ୍ନୋ ଦେବୀଙ୍କ ଦର୍ଶନ ସାରି କଟରା ଫେରିବା ପରେ ଜ୍ୱାଳାମୁଖୀ, ଡେଲ୍ ହାଉସି ଦେଇ ସିମଳା ଯିବା କଥା।ତେଣୁ ସନ୍ଧ୍ୟାରେ ଅଗ୍ରୀମ ଟିକେଟ କରିବା ପାଇଁ ବାହାରି ପଡିଲୁ ନିକଟସ୍ଥ ବସ୍ ଷ୍ଟେସନକୁ। ଜାମ୍ମୁ ଓ କାଶ୍ମୀର ସରକାରଙ୍କ ପର୍ଯ୍ୟଟନ କେନ୍ଦ୍ର ଅଫିସରେ ଯାଇ ଆମ ଭ୍ରମଣ ସୂଚୀ ବାବଦରେ ଜଣେଇଲୁ।ସେଠାରେ ଅବସ୍ଥିତ ଅଫିସର ଜଣକ ବେଶ୍ ମେଳାପି ଓ ଅଭିଜ୍ଞ।ଆମକୁ ପ୍ରସ୍ତାବ ଦେଲେ ଥରେ କାଶ୍ମୀର ବୁଲି ଯିବାକୁ।ସ୍ତ୍ରୀ ସଙ୍ଗେ ସଙ୍ଗେ ରାଜି ହୋଇଗଲେ,ମୁଁ କିନ୍ତୁ ନାରାଜ।କାରଣ ନବେ ଦଶକର ସେହି ଲୋମ ଟାଙ୍ଗୁରା ବିଭୀଷିକା, କାଶ୍ମୀର ଉପତ୍ୟକାର ମୂଳ ନିବାସୀ ହିନ୍ଦୁ କାଶ୍ମୀରି ପଣ୍ଡିତ ପରିବାର ମାନଙ୍କୁ ଅମାନବୀୟ ଅତ୍ୟାଚାର ଓ ହିନ୍ଦୁ ସମ୍ପ୍ରଦାୟଙ୍କ ନିଜ ଭିଟା ମାଟିର ମୋହ ତ୍ୟାଗ କରି ସମୂହ ପଳାୟନ - ସେ ପର୍ଯ୍ୟନ୍ତ ମନରୁ ଲିଭି ନ ଥାଏ।ମୁଁ ରୋକ୍ ଠୋକ୍ ମନା କଲି - 'ନା ସେ ପାକିସ୍ଥାନ ଲାଗିକରି ଥିବା କାଶ୍ମୀର ଘାଟିକୁ କେବେ କି ଯିବି ନାହିଁ,କେତେବେଳେ କେଉଁ କଥା'। ଟୁରିଷ୍ଟ ଅଫିସର ଜଣକ ବୁଝାଇଲେ- 'ସାର୍, କାଶ୍ମୀର ଘାଟିରୁ ପାକିସ୍ଥାନ ବୋଡ଼ର୍ ବହୁଦୂର, ଜାମ୍ମୁ କିନ୍ତୁ ପାଖରେ, ଭାରତ ସୀମା ଲାଗିକି ।କହିବାକୁ ଗଲେ ଏଠି ବେଶୀ ବିପଦ,କିନ୍ତୁ ଦେଖୁଛନ୍ତି ତ,ଏବେ ସବୁ କିଛି ଠିକ୍ ଠାକ୍, ବେଶ ସ୍ୱାଭାବିକ !ଅବସ୍ଥା ସୁଧୁରି ଗଲାଣି'।

ଏଣେ ସ୍ତ୍ରୀ ଜିଦ୍ ଧରିଛନ୍ତି -ଏତେଦୂର ତ ଆସିଲେ, କାଶ୍ମୀର ଅଲ୍ ବଡ୍ ଯିବା। ସାଙ୍ଗରେ ଛଅ ବର୍ଷର ଝିଅ, ସେ ବା କଣ ବୁଝିବ? ନିଜ ଆଗ୍ରହ, ଉତ୍ସୁକତା ଓ ଅନୁସନ୍ଧିତ୍ସୁକୁ ପ୍ରାଧାନ୍ୟ ଦେଇ ଏବଂ ଟୁରିଷ୍ଟ ଅଫିସରଙ୍କ ଆଶ୍ୱାସନା ପାଇ, ଆଶଙ୍କା ଓ ଅନିଶ୍ଚିତତା ସତ୍ତ୍ୱେ ଅଗତ୍ୟା ହଁ ଭରିଲି।

ପରଦିନ ବଡି ଭୋର୍ ରୁ ଜମ୍ମୁ ଓ କାଶ୍ମୀର ପର୍ଯ୍ୟଟନ ନିଗମର ବସ୍ ଟି ନିର୍ଦ୍ଧାରିତ ସମୟରେ କଶ୍ମୀର ଘାଟି ଅଭିମୁଖେ ତା'ର ଯାତ୍ରା ଆରମ୍ଭ କଲା।ସମଗ୍ର ବସ୍ ର ମାହୋଲ ଆନନ୍ଦ ମୁଖର,ଯାତ୍ରୀ ମାନେ ପରସ୍ପର ଅଜଣା,ହେଲେ ସକାଳୁଆ ଅଭିନନ୍ଦନ ସହିତ ନିଜ ନିଜ ଭିତରେ ସଂକ୍ଷିପ୍ତ ବାକ୍ୟ ବିନିମୟ ସମସ୍ତଙ୍କୁ ଏକ ଅଦେଖା ଭାବ ବନ୍ଧନରେ ବାନ୍ଧି ଦେଇଛି।ଆଗରେ ଏକ ଟନେଲ୍। ବସ୍ ତା' ଭିତରକୁ ପଶୁ ପଶୁ ହଠାତ୍ ଅନ୍ଧାର ହୋଇଯିବା ଦେଖି କେହି ଜଣେ ସହଯାତ୍ରୀ ଚିତ୍କାର କଲା - 'ଜୟ ମାତାଦି',ସମସ୍ତେ ଏକ ସ୍ୱରରେ ପାଟି କଲେ - 'ଜୟ ମାତାଦି'।ଆଉ ଜଣେ ଯାତ୍ରୀ ମୃଦୁ ଚଟୁଳତା କରି କହିଲେ - 'ଅନ୍ଧେରେ ମେଁ ଭଗବାନ ଯାଦ୍ ଆୟେ କ୍ୟା'...ହାସ୍ୟ ରୋଳ ର ଏକ ହାଲ୍କା ଗୁଞ୍ଜରଣ ଖେଳିଗଲା।

ମନରେ ଉତ୍କଣ୍ଠା,ଅନେକ ଦିନର ସ୍ୱପ୍ନ ଆଜି ପୂରଣ ହେବାକୁ ଯାଉଛି, ଇତିହାସ, ଭୂଗୋଳ ରେ ପଢିଥିବା ସେ ଭୁସ୍ୱର୍ଗ କାଶ୍ମୀର ସ୍ୱଚକ୍ଷୁରେ ଦର୍ଶନ ହେବ...

ପିର୍ ପଞ୍ଜାଲ ରେଞ୍ଜର ଘାଟି ପରେ ଘାଟି ଡେଇଁ,ମୋଡ଼ ପରେ ମୋଡ଼ ବୁଲି ବସ୍ ଧୀରେ ଧୀରେ ଉଚ୍ଚତାକୁ ଉଠୁ ଥାଏ।ରାସ୍ତା କଡେ କଡେ ଉଚ୍ଚ, ସିଧା ପାଇନ୍ ଗଛ ଭରପୁର। ଘାଟିର ତଳୁ ଉପର ଯାଏ ସ୍ଥାନେ ସ୍ଥାନେ ଟିଣ ଆଚ୍ଛାଦିତ ଘର ଗୁଡା ପାହାଡ଼ରେ ଖୋସି ହୋଇଥିବା ଛୋଟ ଛୋଟ ଦିଆସିଲି କାଠି ବାକ୍ସର ଭ୍ରମ ସୃଷ୍ଟି କରୁଥାଏ।ସୂର୍ଯ୍ୟାଲୋକ ତା ଉପରେ ପଡି ଚକ୍ ଚକ୍ କରୁଥାଏ। ଦୁଇ ପାହାଡ଼ ମଝିରେ ଅଙ୍କା ବଙ୍କା ବହି ଯାଉଥିବା ଚେନାବ୍ ନଦୀ ଘାଟି ଉପରୁ ଦେଖା ଯାଉ ଥାଏ ଏକ ନୀଳ ରଙ୍ଗର ରିବନ୍ ଫିତା ଭଳି।

ଏବେ ବସ୍ ପହଞ୍ଚିଲା 'ପଟନି ଟପ୍' - ଏହି ରାସ୍ତାରେ ସବୁଠାରୁ ଉଚ୍ଚତମ ଘାଟିରେ।ଯାତ୍ରୀ ମାନେ ଖପ୍ ଖାପ୍ ଓହ୍ଲାଇ ପଡ଼ି ଚତୁର୍ଦ୍ଦିଗର ମନୋରମ ଶୋଭାରାଜି ଉପଭୋଗ କରୁଥାଆନ୍ତି।ନିଜ ନିଜ କ୍ୟାମେରାରେ ଏହି ଦୃଶ୍ୟକୁ ବାନ୍ଧି ରଖିବାକୁ ଚେଷ୍ଟା କରୁଥାଆନ୍ତି। ହାୟ,ସେ ସମୟରେ ମୋବାଇଲ ନ ଥିଲା, ପାରମ୍ପରିକ କ୍ୟାମେରାରେ ୩୨ ଟା ସଟ୍ ପରେ ରିଲ୍ ଶେଷ ତ ପୁଣି ଆଉ ଗୋଟିଏ ରିଲ୍ ପୁରେଇବାକୁ ପଡ଼ିବ,ତେଣୁ ପ୍ରତି ସଟ୍ ମୂଲ୍ୟବାନ,ଖୁବ୍ ଭାବିଚିନ୍ତି ସାବଧାନ ସହକାରେ ଫୋଟୋ ନେବାକୁ ପଡୁଥାଏ। ଏକ ବୈଶ୍ନୋ ଢ଼ାବାରେ ଦହି ସହିତ ସ୍ୱାଦିଷ୍ଟ ପରଠା ଓ ମଲାଇମରା ଚା' ସେବନ କରିବା ପରେ ପୁଣି ଆଗକୁ ଯାତ୍ରା।

ଜବାହର ଟନେଲ୍ ପରେ ଘାଟି ଶେଷ ଓ ବହୁ ପ୍ରତୀକ୍ଷିତ କାଶ୍ମୀର ଉପତ୍ୟକା ଆରମ୍ଭ। କଟରାରୁ ଶ୍ରୀନଗରର ଦୂରତା ୨୪୦ କିମି, ଏବେ ଆହୁରି ପ୍ରାୟ ୧୦୦ କିମି ବାକି। ଭୂମିରୂପ ପ୍ରାୟତଃ ସମତଳ,ରାସ୍ତା ଉଭୟ ପଟ ଚାଷଜମି।ଖୁବ୍ ଦୂରରେ ଦେଖାଯାଉଥିବା ବରଫ ଆଚ୍ଛାଦିତ ପାହାଡ଼ ଚୂଡ଼ା ଗୁଡ଼ିକର ଦୃଶ୍ୟ ବେଶ୍ ମନୋରମ। ବନିହାଲ, କାଜିକୁଣ୍ଡ, ଅବନ୍ତିପୁରା,ପାମ୍ପୋର୍ ଆଦି ବିଶିଷ୍ଟ ଜନପଦ ପାର୍ ହେବା ସମୟରେ ନଜରରେ ପଡ଼ିଲା ରାସ୍ତା କଡ଼ରେ ଥିବା ଖୁଣ୍ଟ,ଉଚ୍ଚା ଗଛ ଆଦିରେ ଝୁଲା ହୋଇଥିବା ମାଳ ମାଳ କଳା ପତାକା ଉପରେ।ଏଇ ଦୃଶ୍ୟ ମନକୁ ଖୁବ୍ ଆନ୍ଦୋଳିତ କରୁଥାଏ। ପଡ଼ୋଶୀ ଦେଶ ପ୍ରୋତ୍ସାହିତ କିଛି ସୀମାପାର ଆତଙ୍କବାଦୀ ଘାଟିରେ ବିଚ୍ଛିନ୍ନତାବାଦକୁ ସକ୍ରିୟ ରଖିବା ଓ ଭାରତ ବିରୋଧୀ ମନୋଭାବ ଉସୁକାଉ ଥିବାର ଏହା ଥିଲା ଏକ ଜ୍ୱଳନ୍ତ ନିଦର୍ଶନ।

ଆମ ବସ୍ ପହଞ୍ଚିଲା ଶ୍ରୀନଗର ଉପକଣ୍ଠରେ।ହଠାତ୍ ଏକ ଭେନ୍ ଆସି ବସ୍ ସାମ୍ନାରେ ରହିଗଲା। ତହିଁରୁ କିଛି ଭେଣ୍ଡା କାଶ୍ମୀରୀ ଯୁବକ ବାହାରି ଆସି ଆମ ନିକଟକୁ ଚାଲି ଆସିଲେ, ବସ୍ ରହିଲା।କଣ୍ଡକ୍ଟରକୁ ସ୍ଥାନୀୟ ଭାଷାରେ କଥାବାର୍ତ୍ତା କରି ସେମାନେ ଏକ କାଗଜ ଚିଠା ଦେଖି କିଛି ଲୋକଙ୍କ ନାମ ଧରି ବସରୁ ଓହ୍ଲାଇ ଆସିବାକୁ କହିଲେ।ତା' ଭିତରେ ମୋ ନାଆଁ ବି ଥିଲା।ମୁଁ ଆଶ୍ଚର୍ଯ୍ୟ ହେଲି,ଏମାନେ ଆମ ନା କେମିତି ଜାଣିଲେ? ପ୍ରତିବାଦ କରି କହିଲି - କ୍ୟୁଁ ? ହମ୍ ନେହିଁ ଉତେରେଙ୍ଗେ।

ସେମାନଙ୍କ ଭିତରୁ ଜଣେ ମେଦେନ୍ଦି ରଙ୍ଗା ଦାଢ଼ିବାଲା ଗୋରା ଟୋକା ଅନୁନୟ ଭଙ୍ଗୀରେ କହିଲା

- 'ସର୍, ଆପ୍ ଆଇଏ,
ହମାରେ ଭେନ୍ ମେଁ ଯାଏଙ୍ଗେ।'

ଆମ ମନରେ ଛନକା ପଶିଲା।
ମୋ ସହିତ ଅନ୍ୟ ମାନେ ବି
ପ୍ରତିବାଦ କରି କହିଲେ
- ହମ୍ ଇହାଁ ନହିଁ, ବସ୍ ଷ୍ଟାଣ୍ଡ ଯାଏଙ୍ଗେ।

ଆମ ଅନିଚ୍ଛା ଦେଖି କଣ୍ଡକ୍ଟର ବି ସେହି ସ୍ଥାନୀୟ ଯୁବକ ମାନଙ୍କ ସହିତ ଯୁକ୍ତିତର୍କ କଲା,କିନ୍ତୁ ସେମାନେ ନ ଛୋଡ଼ ବନ୍ଧା, ସେହି ଯୁବକ ମାନଙ୍କ ଭାଷା ବୁଝି ହେଉ ନ ଥାଏ ହେଲେ ବେଶ୍ କର୍କଶ ଜଣା ପଡୁଥାଏ,କଥା ଗାଳି ଗୁଜବ ପର୍ଯ୍ୟନ୍ତ ଗଲା,ଶେଷରେ କଣ୍ଡକ୍ଟର ସାହେବ୍ ଆମ ଲଗେଜ୍ ସବୁ ବସ୍ ଉପରୁ ବାହାର କରି ଆମକୁ ତାଙ୍କ ସହିତ ଯିବା ପାଇଁ ନେହୁରା ହେଲେ।ଆମ ସହିତ ଆଉ ତିନି ଚାରୋଟି ପରିବାର ସେହି ଭେନ୍ ରେ ବସିଲୁଁ।

ସମସ୍ତଙ୍କ ମନରେ ଭୟ,ଆଶଙ୍କା...କିଛି ଅଘଟଣ ଆମ ସହିତ ହେ୍ୱ ନାହିଁ ତ?

ଅଦୃଷ୍ଟ ଆଶଙ୍କା ଓ ଉତ୍ସୁକତା ମଧ୍ୟରେ ସମସ୍ତେ ଚୁପ୍ ଚାପ୍ ବସି ଥାଉଁ।ଏମିତି କିଛି ଦୂର ଗଲା ପରେ ପୁଣି ଭେନ୍ ଅଟକିଲା ରାସ୍ତା କଡ଼ରେ।ଆଗରେ ଏକ ଚେକ୍ ପୋଷ୍ଟ।କିଛି ଭାରତୀୟ ସୈନ୍ୟ ଘେରିଯାଇ ଆମ ସମସ୍ତଙ୍କୁ ବାହାରି ଆସିବାକୁ ନିର୍ଦ୍ଦେଶ ଦେଲେ। ଜଣ ଜଣ କରି ସମସ୍ତଙ୍କୁ ପଚାରିବାକୁଲାଗିଲେ-କେଉଁଠୁ ଆସିଛ,କୁଆଡ଼େ ଯାଉଛ ?ସେମାନଙ୍କୁ ଦେଖି ଆମ ଚେହେରାରେ ଯେମିତି ପାଣି ପଶିଲା।ଭାରତୀୟ ସୈନ୍ୟ ମାନେ ଭେନ୍ର ଡ୍ରାଇଭର ଓ ଅନ୍ୟ ଯୁବକ ମାନଙ୍କୁ ଘନ ଘନ ଜେରା କଲେ,ନେବାର ଉଦ୍ଦେଶ୍ୟ,ଠିକଣା ବାବଦରେ ତାଙ୍କୁ ବାରମ୍ବାର ପଚାରୁ ଥାଆନ୍ତି।ସମସ୍ତଙ୍କ ପରିଚୟ ପତ୍ର ଓ ଭେନ୍ ର ତଲାସୀ କରାହେଲା।ସୈନିକ ଓ ସେହି ଯୁବକ ମାନଙ୍କ ମଧ୍ୟରେ ଟଣା-ଓଟରା, ବାକ୍ୟ ବିନିମୟ ଓ ଯୁକ୍ତି ତର୍କ ଆମକୁ କେମିତି ଅଖାଡୁଆ ଲାଗୁଥାଏ।ଭଲ ଭାବେ ଜେରା କରି, ସବୁ ଠିକ୍ ବୋଲି ସନ୍ତୁଷ୍ଟ ହେଲା ପରେ ଭେନ୍ କୁ ଆଗକୁ ଯିବାପାଇଁ ଛାଡ଼ିଲେ।

ଏବେ ଆମେ ବେଶ୍ ଆଶ୍ୱସ୍ତ।ଭୟ ଦୂରେଇ ଯାଇଥିଲା। ଭେନ୍ ଯାଇ ରହିଲା ଡାଲ ହ୍ରଦ କୂଳରେ। ଆମେ ସମସ୍ତେ ଖୁସିରେ ଓହ୍ଲାଇ ପଡ଼ି ଗୋଟିଏ ବଡ ନୌକା(ଶିକାରା) ରେ ବସି ଝିଲ୍ ଭିତରକୁ ପ୍ରବେଶ କଲୁ।ଝିଲ୍ ର ଅନ୍ୟ ପାର୍ଶ୍ୱରେ ଧଡ଼ିଧଡ଼ିହାଉସ୍ବୋଟ୍।ନୌକା ଯାଇ ଏମିତି ଏକ ହାଉସ୍ ବୋଟ୍ ପାଖରେ ରହିଲା। ଆମ ହୋଷ୍ଟ୍ ଦୁଇଟା ପରିବାର ପାଇଁ ଗୋଟିଏ ହାଉସ୍ବୋଟ୍ର ବ୍ୟବସ୍ଥା କରିଥିଲା। ଆମ ସହିତ ଥିଲେ ଉତ୍ତର ପ୍ରଦେଶ ବାସିନ୍ଦା ଏକ ନବ ବିବାହିତ ଦମ୍ପତି ଶ୍ରୀ ଓ ଶ୍ରୀମତୀ ଆହୁଜା ସମ୍ଭବତଃ ସେମାନଙ୍କ ହନିମୁନ ଟ୍ରିପ !ନିଜ ନିଜ ସୁବିନ୍ୟସ୍ତ କାଠ-କୋଠରି ଅକ୍ତିଆର କରି,ଗରମ ପାଣିରେ ହାତ ମୁଁହ ଧୋଇ,ପୋଷାକ ପତ୍ରବଦଳେଇ ସୁନ୍ଦର ଭାବରେ ସଜା ହୋଇଥିବା ବୈଠକ ଖାନାରେ ରୁଣ୍ଡ ହେଲୁ। ହୋଷ୍ଟ ସମସ୍ତଙ୍କ ପାଇଁ ଚା' ଓ ସ୍ନାକ୍ସ ବରାଦ କଲେ। ତାଙ୍କର ଭଦ୍ରୋଚିତ୍ ବ୍ୟବହାର ଓ ଆତିଥ୍ୟ ଆମର ପୂର୍ବ ଆଶଙ୍କା ଓ ଭୟକୁ ଅମୂଳକ କରୁଥିଲା।

ଏବେ ପୁରା ରହସ୍ୟର ଭେଦ ଖୋଲିଲା।କଟରାରେ ଟୁରିଷ୍ଟ ଅଫିସର୍ ଜଣକ ଅଗ୍ରୀମ ଟିକେଟ କରିଥିଲେ ଏଇ ହାଉସ୍ ବୋଟ୍ ରେ ଏବଂ ଆମ ସମସ୍ତଙ୍କ ବିବରଣୀ ଫୋନରେ ଜଣେଇ ଦେଇଥିଲେ ହୋଷ୍ଟ ଙ୍କୁ।ଏ

ଝିଅର ମଲା ମୁହଁ

ରତ୍ନାକର ରାଉତ

ଶୁଣି ଶୁଣି କାନ ବଧିରା ହୋଇଗଲାଣି
ଗଣତନ୍ତ୍ରରେ ଗଣ ପ୍ରକୃତ କ୍ଷମତାର ଅଧିକାରୀ
କଣାସର ଗଜେନ୍ଦ୍ର ହରିଚନ୍ଦନ ଓ ତା ସ୍ତ୍ରୀ
ଦୁଇଜଣ କଣ ଗଣତନ୍ତ୍ରରେ ଗଣ ନୁହଁନ୍ତି ?
କଣ ଅଧିକାର ଅଛି ତାଂକର
ସେ କାହାକୁ ପଚାରିବେ ?

ସେ ମୂଲ ଲାଗିଲେ ପେଟ ପୋଷନ୍ତି
ଦିନ ମଜୁରି କଲେ ତାଂକ ଚୁଲି ଜଳେ
ତାଂକ ନାବାଳିକା ଝିଅକୁ
ନେଇଗଲା ଗୋଟେ ଟୋକା ଜବରଦସ୍ତ
ସେ କେତେ କାହାକୁ ନେହୁରା ହେଲେ
କେହି କିଛି ଶୁଣିଲେନି
ଥାନାକୁ ଯାଇ ଏତେଲା ଦେଲେ
ପୋଲିସ ଏତେଲା ଦାୟର କଲାନି
କେତେଥର ଦଉଡ଼ିଲେ ଥାନାକୁ
ଫେରିଲେ ଥାନା ବାରଣ୍ଡାରେ ବସିବସି
ଏ ପାଖରେ ପେଟର ଦାୟ
ସେ ପାଖରେ ହଜିଲା ଝିଅର ଦାୟ
ଆଶା ଛାଡ଼ିଦେଇ
ମନକୁ ମାରି ରହିଲେ ନିଜ ଘରେ
ଦୁଇ ବର୍ଷ ପରେ ଶୁଣିଲେ
ସେ ଟୋକା ଝିଅକୁ ବାହା ହୋଇ
ରଖିଛି ବାଂଗାଲୋରରେ ।

ଭାସି ଯାଉଥିବା ଲୋକର କୁଟାଖିଅକୁ ଭରସା
ସାମାନ୍ୟ ଆଶ୍ୱସ୍ତ ହେଲେ ମାଆ ବାପ
ନେଇ ଯାଉ ପଛେ
ଲୁଚେଇ ଛପେଇ ଜୋରକରି
ଏବେତ' ବାହା ହୋଇଗଲା
କେହି ନ ଶୁଣିଲେବି ତାଂକ ଗୁହାରି
ପ୍ରଭୁ କେଉଁଠି ରହି ଶୁଣିଲେ ତାଂକ ଡାକ
ପ୍ରଭୁଂକୁ ହାତ ଟେକି ସମର୍ପଣ
କରିଦେଲେ ସବୁ
ସେହି ପ୍ରଭୁ ବୁଝିବେ ଭଲ ମନ୍ଦ ।

ପ୍ରଭୁ କଣ ବୁଝିଲେ କେଜାଣି
ତିନିଦିନ ତଳେ ଖବର ଆସି ପହଂଚିଲା
ତାଂକ ଝିଅ ମୃତ
ତୁରନ୍ତ ଯାଇ ନେଇ ଆସିବାକୁ ତା ଶବ ।

ଖବର ଶୁଣି ସେମାନେ ଥାନାକୁ ଦଉଡ଼ିଲେ
କେତେ ବଡ଼ବଡ଼ିଆଂକୁ ନେହୁରା ହେଲେ
ସବୁଠୁ ନିରାଶ ହୋଇ ଫେରିବା ପରେ
କଣ କରିବେ ଉପାୟ ଶୂନ୍ୟ
ଟଂକା ପଇସା ଥିଲେତ'
ଯାଇ ଦେଖିବେ ଝିଅର ମଲା ମୁହଁ
ଶବ ଆଣିବେ ସାଥିରେ
କି ସେଇଠି ଦାହ କରିଦେଇ ଫେରିବେ ।
ସେ ସବୁ ପଛ କଥା
ଏବେ ଯିବେ କେମିତି ସେଠାକୁ
ଏତେଦୂର ?
ଗତକାଲି ସକାଳଠାରୁ ସ୍ୱାମୀ ସ୍ତ୍ରୀ ହଳକ
ଘରକୁ ଘର, ଦୋକାନରୁ ଦୋକାନ
ବୁଲି ବୁଲି ଭିକ ମାଗୁଛନ୍ତି ପିପିଲି ବଜାରରେ
ଲୋକଂକ ସାହାଯ୍ୟ ପାଇଲେ ଯିବେ
ବାଂଗାଲୋର
ସେତେବେଳକୁ ଝିଅର ଶବ ଥିବ କି ନ ଥିବ
କିଏ କହିବ ଯେ କାହାକୁ ଜଣା ଅଛି ?
ଦାରୁଣ ଅଭାବରେ ସଢୁଥିବା ଏ ବାପ ମାଆ
ସତରେ କଣ ପ୍ରବାସରେ ଯାଇ ନିଜ ଝିଅର
ମଲା ମୁହଁ ଦେଖି ପାରିବେ ?
(ମହିଳା ଦିବସ ଉପଲକ୍ଷେ ଏକ ନିଛକ
ସତ୍ୟ ଘଟଣା ଉପରେ ଲେଖା ଯାଇଥିବା ଏ
କବିତା ।)

+ ଭୁବନେଶ୍ୱର

ବାଲିଘର

ବିଶ୍ୱନାଥ କର

ଏଇତ ଅଧାଗଢା ହୋଇ ରହିଛି ସେଇ
ବାଲିଘର
ଯେଉଁଠି ସାଇତା ହୋଇ ରହିଛି
ମୋ ଯୌବନର ପ୍ରତିବିମ୍ବ
କେତେ କଅଁଳିଆ ସ୍ୱପ୍ନର ସମ୍ବହର
ଛନ୍ଦପାତ ଦିନ ରାତି ସଞ୍ଜ ସକାଳର ।

ସେଦିନ ତ ଚଢେଇମାନେ
ଫେରୁଥିଲେ ସଅଳ ସଅଳ
ଉଡି ଉଡି ଅପରାହ୍ନର ଉନ୍ମୁକ୍ତ ଲୋହିତ
ପବନରେ
ଅନ୍ଧାରର ଉଷୁମ ଚାଦର ତଳେ
ମୋକ୍ଷ ପ୍ରାପ୍ତିର ଇଚ୍ଛାଟିଏ
ଜାଲ ବୁଣୁଥିଲା ତମ ହସର ବୁଢିଆଣୀ
ସୂତାରେ ।

କଳ୍ପନାର ସ୍କେଚ ତିଆରି
ଲହଡି ମାନେ ଖେଳୁଥିଲେ
ଶବ୍ଦରେ ଶବ୍ଦରେ ଛନ୍ଦରେ ଛନ୍ଦରେ
ତମ ହାତ ଛୁଆଁରେ କ୍ଷତାକ୍ତ ହେଉଥିଲା ହୃଦୟ
ଝରୁଥିଲା ନୀଳ ନୀଳ ଜୋଛନାର ରକ୍ତ
ସେ ରକ୍ତରେ ତିଆରି ନୀଡ ଆଶ୍ରୟ
ଦେଉଥିଲା
ଫଗୁଣ ବର୍ଷାରେ ଭିଜୁଥିବା
ଆମ ଅମାନିଆ ମନ ।

ନିଜ ସର୍ତ୍ତରେ ଜୀବନ ଜିଇଁବାରେ
ବଦଳି ଯାଉଥିଲା ଆକାଶର ରଙ୍ଗ
ପ୍ରେମର ଉଚ୍ଚାରଣ ପାହୁଣ୍ଡେ ପାହୁଣ୍ଡେ
ଗତିକରି
ଥିର ହୋଇ ଯାଉଥିଲା ବେପରୁଆ ସମୟ

ନିଜପାଖେ ନିଜେ ଅପରିଚିତ ଥିବା
ରହସ୍ୟମୟ ଋତୁ ।

ଏବେବି ଜିଇଁଛି ସେ ଅଧାଗଢା ବାଲିଘର
ନୃତ୍ୟର ଛନ୍ଦରାଗ ଏବେବି ଶୁଭୁଛି
ସାରେଗାମା ପାଧାନିସା
ସାନିଧାପା ମାଗାରେସା ,
ମହକୁଛି ତମ ଖୋଷାରୁ ଖସି ପଡିଥିବା
ଶ୍ରାବଣର ଚମ୍ପାଫୁଲ
ତମ ବିମ୍ବାଧରର ଉଛୁଳା ସଜଫୁଟା ହସ ।

ବର୍ଷ ବର୍ଷର ସବୁ ଋତୁ ହଜିଯାଉଛି
କାନ୍ଦିଲାଭଳି ଲାଗୁଛି
ସକାଳୁଆ ପକ୍ଷୀଙ୍କ କିଚିରି ମିଚିର ଶବ୍ଦ
କୁଆଁ ମେଲେଇ ପାରୁନି ନୂଆ ସ୍ୱପ୍ନର ପୃଥୀ
ବାଲି ଘର ଭାଙ୍ଗୁନି ତଥାପି
ସହିସହି ପଦାଘାତ କେତେ ଅପୁଷ୍ପିତ
ଫଗୁଣର ରାତି ।

ନିଃଶ୍ୱାସ ନେଉଛି ମାନେ ମୁଁ ନିଶ୍ଚୟ ବଞ୍ଚିଛି
ବାଲିଘର ଅକ୍ଷତ ରହିଛି ମାନେ
ଅମୋକ୍ଷ ମୋ ବିଶ୍ୱାସ
ସେଇ ବାଲିଘର ଚାରିପାଖେ
ପ୍ରେତିନୀ ସାଜିଛି ।

+ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ- ୭୫୩୦୦୮
(ମୋ) ୯୭୭୬୩୩୨୬୩୯

ସକାଳ ଆସିଛି ବୋଲି

ଅଶୋକ କୁମାର ପ୍ରଧାନ

ପୁରୁବ ଆକାଶେ ଖିଲି ଖିଲି ହସି
ଉଇଁ ଆସିଲେଣି ରବି
ଆଖି ଖୋଲିଲାଣି ପଦୁଅ କଢିଟି
ଦେଖି ସେ ସୁରୁଜ ଛବି ।

ଗଛଡାଳେ ପକ୍ଷୀ କିଚିରି ମିଚିରି
କରି ଛାଡିଲାଣି ରାବ
ଗାଁ ଗୁହାଳରୁ ହମା ହମା ରଡି
ବାଛୁରୀ ଡାଳେ ତା ଭାବ ।

କାଳିଆ କଷରା ସଜେଇ ହେଲେଣି
ଯିବା ପାଇଁ କ୍ଷେତ ଚଷୀ
ସନିଆ ମଉସା ହଳ ଯୋଚିଦେଇ
ମୁଖରେ ଦେଲାଣି ହସି ।

ବାଡି ବଗିଚାରେ ହସିଲାଣି ଫୁଲ
ସକାଳ ଆସିଛି ବୋଲି
ଗାଁ ମନ୍ଦିରରେ ବଇଶୀ ଭାଇନା
କବାଟ ଦେଲାଣି ଖୋଲି ।

ଗାଁ ଝିଅ ବୋହୂ ସିନାନ ପାଇଁ କି
ଗଲେଣି ପୋଖରୀ ତୁଠ
ବୋଉ କହେ କୁନା ସକାଳ ହେଲାଣି
ଏବେ ତୁ ନିଦରୁ ଉଠ ।

ସତରେ ସକାଳ ସବୁରି ଲାଗି ତୁ
ନୂଆଁ ଆଶାଟିଏ ଦେଉ
ତୁ ଆସିଗଲେ ସୁରୁଜ ପରିକା
ସବୁ ଦୁଃଖ ଲୁଟି ନେଉ ।

+ ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ,ଗଞ୍ଜାମ
ମୋ-୮୨୪୯୧୧୯୧୩୦

ନିଜ ଭିତରେ ମୁଁ

ଆନନ୍ଦ କୁମାର ମାଇତି

ଯେଉଁ ଆଇନାରେ ମୁଁ ନିଜକୁ ଦେଖୁଛି
ସେ ଆଇନା କିନ୍ତୁ ମୋର ପ୍ରତିବେଶୀ ନୁହେଁ ।
ବରଂ ଯେଉଁ କାଚ ମୋ' ପ୍ରତିମ୍ବକୁ
ନିଜ ଛାତି ଭିତରେ
ବସିବାର ସୁଯୋଗ ଦେଇଛି
ମୁଁ ତାକୁ ପ୍ରିୟତମା ସମ୍ବୋଧନରେ
ନିଜ ହାତରେ ସ୍ପର୍ଶ କରିଛି ।
ନିଜର ଦୁଇ ଆଖି ଆଗରେ ତାକୁ ବସେଇ
ତା'ର ଗଭୀରତମ ଅର୍ନ୍ତଦେଶକୁ
ନିରିଖି ଦେଖିଛି
ଆଉ ତା'ର ସମସ୍ତ ଆକୁଳତାର ଚାହିଦାରେ
ନିଜକୁ ସଜେଇଛି ରୂପ ସମୁଦ୍ର ସନ୍ୟାସ ।

ନାବ ଭସେଇ,
ଭଲପାଇବାର ଚୁମ୍ବନରେ କହିଛି
ତୁମେ ଗୀତ ଗାଅ, ଉଚ୍ଚସ୍ୱରରେ ନୁହେଁ,
ଧୀରେ ଧୀରେ ମୁଁ ଶୁଣିବି ।

ଦକ୍ଷତାର ସମଗ୍ର ଶକ୍ତିରେ ମୁଁ ଲେଖିରଖିବି
ସେ ଗୀତର ମଧୁର ସ୍ୱର
ଗୋଛେ ପାଖୁଡ଼ାର ମୋହବୋଳା
ସବୁଜ ଝଲକର ଆଦି ଅନ୍ତ ।

+ ବଗଡ଼ା, କେନ୍ଦ୍ରାପଡ଼ା
(ମୋ) ୯୪୩୯୦୭୭୩୯୫

ତା' ପାଇଁ ସୃଷ୍ଟି ସୁନ୍ଦର

ଆଦ୍ୟାଶା ମହାପାତ୍ର

ନାରୀ ପରା ଅଟେ ସୁନେଲି ସକାଳ
ପ୍ରସ୍ଫୁଟିତ ଖୁସି ଫୁଲ
ସଂଜୁଆ ଆକାଶେ ଝଲମଲ ତାରା
ଅନୁରାଗେ ଝଲମଲ ।।

ତ୍ୟାଗ ତିତିକ୍ଷାର ଅପୂର୍ବ ବିନ୍ୟାସ
ମମତାର ମଧୁଝର
ଅୟି ପ୍ରକୃତିର କମନୀୟ ରୂପ
ତା ପାଇଁ ସୃଷ୍ଟି ସୁନ୍ଦର ।।

ଓଠ ଧାରେ ମାଖି ହସର ପ୍ରଲେପ
ଲୁହର ସାଗର ଶୋଷି
ଲହୁରେ ଲୁହରେ ଆହୂତି ଦିଏ ସେ
ଜୀବନ ଯଜ୍ଞରେ ବସି ।।

ଧରିତ୍ରୀ ପରିକା ସର୍ବଂସହା ସିଏ
ସ୍ୱୀୟ ଗୁଣେ ସ୍ୱାଭିମାନୀ
ନାରୀ ପରା ଅଟେ ଅନନ୍ୟ ସୃଜନ
ଶକ୍ତି ସୁଧା ସଞ୍ଜିବନୀ ।।

ସୃଷ୍ଟି ସର୍ଜନାର ଶ୍ରେଷ୍ଠ ଉପହାର
ବସୁଧା ବକ୍ଷରେ ନାରୀ
ହୃଦୟରେ ତା'ର ଜଗତ କଲ୍ୟାଣ
ବିଧାତା ଦେଇଛି ଭରି ।।

ଦୁଃଖ ଘନୀଭୂତ ହୋଇ ତା' ଆଖିରୁ
ବହେ ଯଦି ଅଶ୍ରୁଜଳ
ନୀରବେ ନିଶ୍ଚଳେ ବିଚଳିତ ହୁଏ
ବସୁଧାର ମର୍ମସ୍ଥଳ ।।

+ ନୂଆପଡା, କଟକ

ବିଶ୍ୱ ଜନନୀ

ଶ୍ରୀ ସତ୍ୟବ୍ରତ ସାହୁ

ତୁ ବିଶ୍ୱ ଜନନୀ ତୁ ବିଶ୍ୱ କଲ୍ୟାଣୀ ଦୁର୍ଗତି ନାଶିନୀ ମାଆ
ଖର୍ପର ଧାରିଣୀ ଶାନ୍ତି ପ୍ରଦାୟିନୀ ମହାକାୟା ଯୋଗମାୟା ।(୦)

ତୋ ପାଦର ଧୂଳି ମୋ ମଥାରେ ବୋଳି କରିଦିଅ ମୋତେ ଧନ୍ୟ
ଦୁଷ୍ଟ ଜନ ମାରି ସାଧୁଙ୍କୁ ଉଦ୍ଧାର ଏତିକି ମୋ ନିବେଦନ
ଏ ଭବ ସାଗର ପାର କରିବାକୁ ତୁହି ଏକା ସଦା ସାହା ।
ତୁ ବିଶ୍ୱ ଜନନୀ..... (୧)

ଦେଖୁଛତ ମାଆ ଦୁନିଆରେ ଆଜି ବଢିଚାଲେ କେତେ ପାପ
ତୁ ପାପ ନାଶିନୀ ପାପ ନାଶିବାକୁ ନିଅ ଥରେ ନିଜ ରୂପ
ଦୀନ ସନ୍ତାନର ଦୁଃଖ ହରିବାକୁ ରହିଥାଉ ତୋର ଦୟା ।
ତୁ ବିଶ୍ୱ ଜନନୀ....(୨)

ତୁ ବିଶ୍ୱ ଜନନୀ ତୁ ବିଶ୍ୱ କଲ୍ୟାଣୀ ଦୁର୍ଗତି ନାଶିନୀ ମାଆ
ଖର୍ପର ଧାରିଣୀ ଶାନ୍ତି ପ୍ରଦାୟିନୀ ମହାକାୟା ଯୋଗମାୟା ।

+ ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬
(ମୋ)- ୮୯୧୭୨୭୩୫୪୫

ତୁମ ପାଇଁ

ପ୍ରଶାନ୍ତ କୁମାର ନାଥ

ଶ୍ରାବଣକୁ ତୁମେ ଭଲପାଏ ବୋଲି
ବର୍ଷାରେ ଭିଜିଲି ତୁମରି ପାଇଁ
ଫଗୁଣକୁ ତୁମେ ଘୃଣା କର ବୋଲି
ଅବିର ଠାରୁ ମୁଁ ଗଲି ଦୂରେଇ ।

ଜହ୍ନ ତୁମ ପ୍ରିୟ କହିଥିଲ ବୋଲି
ଆକାଶକୁ ଚାହିଁ ପାହିଲା ରାତି

ଅନ୍ଧାରକୁ ତୁମେ ଘୃଣା କର ବୋଲି
ସୂରୁଜ ମୋହର ସାଜିଲା ସାଥି ।

ସୃଜନକୁ ତୁମେ ଭଲପାଅ ବୋଲି
ତୁମପାଇଁ ଲେଖେ କବିତା ବସି
ଯୁକ୍ତିତର୍କ ତୁମେ ଘୃଣା କର ବୋଲି
ଦୋଷ ନକରି ମୁଁ ହୁଅଇ ଦୋଷୀ ।

ସୋରିଷ କ୍ଷେତକୁ ଭଲପାଅ ବୋଲି
ହଳଦୀ ରଙ୍ଗକୁ ଆପଣା କଲି
ଆଖିର ଲୁହକୁ ଘୃଣା କର ବୋଲି
ଓଠରେ ସଦା ମୁଁ ହସ ରଖିଲି ।

ସେବା କରିବାଟା ତୁମ ଇଚ୍ଛା ବୋଲି
ଦରଦୀ ମଣିଷ ସାଜିଲେ ବନ୍ଧୁ
ଲହଡିକୁ ତୁମେ ଡରୁଥିଲ ବୋଲି
ଶତ୍ରୁ ଯେ ସାଜିଲା ମୋପାଇଁ ସିନ୍ଧୁ ।

ତୁମେ ଥିଲ ବୋଲି ପସନ୍ଦ ମୋହର
ତୁମ ପସନ୍ଦକୁ ପସନ୍ଦ କଲି
ମୋ ନିଜ ଇଚ୍ଛାକୁ ଜଳାଳି ଦେଇ
ତୁମରି ଇଚ୍ଛାକୁ ସମ୍ମାନ ଦେଲି ।

+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩

ଆଲବମର ପୁରୁଣା ଫଟୋ

ଡ. ଅନିଲ ନନ୍ଦ

ପଶ୍ଚିମ ଆକାଶରେ
ବୁଡିଗଲା ପରେ ଉତ୍ତପ୍ତ ପିଣ୍ଡଟିଏ
ଜଳି ଚାଲିଛି ଆଲୋକିତ କରି ନିଭୃତ
ଗୋଟିଏ ଦୀପ ।

କ୍ରୌଞ୍ଚ ପକ୍ଷୀର ଆର୍ତ୍ତ
ହୁଏତ ଆଉ ଶୁଭିବାର ନାହିଁ
ରତ୍ନାକର ବାଲ୍ମୀକି ହେବା ପରେ
ନିବିଡ ଛବି ବୋହି
ଉପତ୍ୟକା ପାର ହୋଇ ଗଲେଣି
ଦଳଦଳ ମେଷ,
ଛାଇଟିଏ ଦାରୁ ପାଲଟିଛି
ଟାଙ୍ଗି ରଖିଟି
ନୀରବତା ଭାଙ୍ଗିଥିବା ପକ୍ଷୀମାନଙ୍କ ନାଁ ।

ଅନେକ ବେଳରୁ ପାହିଲାଣି ରାତି
ବିଗତ ଦିନର ବୈରାଗ୍ୟ କପାଳରେ

ଫୁଟିଲାଣି ସଂସାରର ଫୁଲ
ଯାହାସବୁ ଘଟିଥିଲା ପଛକରି
ସ୍ୱାଭାବିକ ଜୀବନଯାତ୍ରା ।

ବୁଢ଼ୀ ମାଆ କଣ୍ଠରେ ସେଇ
କାହାଣୀଟି ସେମିତି ବଞ୍ଚିଛି
ସଞ୍ଜ ନଇଁଲେ ମେଲାକରି କୋଳ ।

+ କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ -୯୯୩୭୮୪୩୩୬୮

ସେତ ନାରାୟଣୀ ଶକତିମୟୀ

ଦିଲ୍ଲୀପ କୁମାର ସାହୁ

ନାରୀ ସେତ ନାରାୟଣୀ ଶକତିମୟୀ
ଜନନୀ ଭଗିନୀ ଜାୟା ଭାରି ସିନେହୀ ।
ନୀରବରେ ସିଏ ସବୁ ପାରଇ ସହି
ମମତାର ମନ୍ତରରେ ସଭିଙ୍କୁ ମୋହି
ନାରୀ ସେତ ନାରାୟଣୀ ଶକତିମୟୀ.....

ନାରୀ ପାଇଁ ଚଉଦିଗ ଲାଗେ ସୁନ୍ଦର
ଅସୀମ କରୁଣା ବାରି ଝରଇ ଝର ।
ତାହାତରେ ଗଢା ଏହି ସୁନ୍ଦର ଧରା
ତା ପରଶେ ହୁଏ ଆମ ଜୀବନ ତୋରା ।
ଫୁଲର ପାଖୁଡା ସେତ ନରମ ଖରା
ଚଇତି ପବନ ଛୁଆଁ ଚମକ ଭରା ।
ରଙ୍ଗ ଭରିଯାଏ ସେତ ଦୁନିଆ ସାରା
ସପନର ଖିଅ ବୁଣେ ଆଶା ଅସରା ।
ସରଗ ପାଲଟେ ଘର ପରଶ ପାଇ
ନାରୀ ସେତ ନାରାୟଣୀ ଶକତିମୟୀ.....

ଅସଜଡା ଜୀବନକୁ ଦିଏ ସଜାଡି
ସବୁରି ପରାଣେ ଦେଇ ସ୍ନେହ ଅଜାଡି ।
ମେଘ ବୁକୁ ଚିରି ସେତ ଆକାଶେ ଭାସେ
ଉଛୁଳା ତରଙ୍ଗେ ନାଚି ଢେଉରେ ହସେ ।
ସମୟ କୋଳରେ ଲେଖେ କାହାଣୀ ନୂଆ
ଖୁସି ଭରିଦିଏ ତାର କଅଁଳ ଛୁଆଁ ।
ନାରୀବିନା ସବୁ ଗୀତ ଲାଗେ ବେଶୁରା
ନାରୀ ସେତ ଯୁଗେଯୁଗେ ଦୁଃଖପାଶୋରା ।

ବେଦରଦୀ ମନ ଝୁମେ ତାହାରି ପାଇଁ
ନାରୀ ସେତ ନାରାୟଣୀ ଶକତିମୟୀ.....

ସୃଷ୍ଟି କରିଣୀ ସିଏ ପ୍ରେମ ତରଙ୍ଗିଣୀ ପ୍ରିତି
ନୀର୍ଝରିଣୀ ନାରୀ ବିଶ୍ୱ ମୋହିନୀ ।
କ୍ଷମା ଆଉ ଦୟା ର ସେ ଦରଦୀ ମୂର୍ତ୍ତୀ
ଦରଦୀ ହୃଦୟ ଟିଏ ପ୍ରେରଣା ଦାତ୍ରୀ ।
ପରଷରେ ପୁଲକିତ ମାଟିର ଛାତି
ଆଶାର ଆଲୋକ ନାରୀ ଅଭୁଲା ଗୀତି ।
ସ୍ନେହ ପ୍ରଦାୟିନୀ ସେତ ଅମୃତ ଶ୍ରୋତ
ମଳୟର ର ମୂର୍ଚ୍ଛନା ଭାବ ବୋଇତ ।
ତା ସାଥିରେ ବାଦ କଲେ ନିଆଁ ଜଳଇ
ନାରୀ ସେତ ନାରାୟଣୀ ଶକତିମୟୀ.....

ଜାତିର ଗୌରବ ନାରୀ କୂଳର ଗର୍ବ
ନାରୀଙ୍କ ସମ୍ମାନ ପାଇଁ ପାଳିବା ପର୍ବ ।
ନାରୀ ର ସୁରକ୍ଷା ସେତ ଦାୟିତ୍ୱ ଆମ
ନାରୀ ର ସୁରକ୍ଷା ସାରା ଜାତିର ଧର୍ମ ।
ଆଗେଇ ଲେ ନାରୀ ଯାଏ ଦେଶ ଆଗେଇ
ଘର ରୁ ବାହାର ଯାଏ ନଜର ଦେଇ ।
ନାରୀ ହେଲେ ସୁସ୍ଥ , ସୁସ୍ଥ ରହେ ସମାଜ
ବିକାଶ ର ଧାରା ହୁଏ ଭାରି ସହଜ ।
ସୁଖେ ଦୁଃଖେ ନଉକା କୁ ନିଏ ସେ ବାହି
ନାରୀ ସେତ ନାରାୟଣୀ ଶକତିମୟୀ.....

+ ଶଙ୍କରପୁର, ଚାରବାଟିଆ, କଟକ
୭୦୭୭୨୦୬୯୭୭

ଏବେ ...

ଲକ୍ଷ୍ମୀପ୍ରିୟା ମାଇତି

ଶୋଇଲା ରାତିର ଆଖିରେ
ବହଳିଆ ନିଦ ନାହିଁ ।

ଧାଇଁ ପଳୋଉଛନ୍ତି ଦୂର ଦିଗନ୍ତକୁ
ଭଲ ଖରାପ, ହସ ଲୁହ
ପ୍ରେମ ଘୃଣାର...
ହେତୁ ଅହେତୁକ ସ୍ୱପ୍ନ ମାନେ ।

ଶୋଇଛି ଗାଁ, ଶୋଇଛି ସହର
ତଥାପି ନିରବ ହୁଅନ୍ତିନି
ଯାନବାହାନ ...
ପକ୍କା, ମାଟି, ମହରମ୍ମରର ରାସ୍ତାମାନେ ।

ଆମେ ସବୁ ଜାଗ୍ରତ
ଯେତେ ନିଦ୍ରାହୀନତା ରୋଗାକ୍ରାନ୍ତ
ରାତିର ଶେଯରେ ପଡି ଦେଖୁ ମୁଖପତ୍ର
ବାର୍ତ୍ତାଳାପ କରୁ କରୁ
ଅପେକ୍ଷା କେବେ ଜହ୍ନ ହେବ ମଲା
ଲିଭିବ ତାରା
ବିଛେଇ ପଡ଼ିବ କେବେ
ସୂର୍ଯ୍ୟର ସୁନେଲି କିରଣ
ଆମେ ସବୁ
ସକାଳର ଅପେକ୍ଷାରେ ।

+ ଏରସମା, ଜଗତସିଂହପୁର

ଅଭିମାନ

ପ୍ରଶାନ୍ତ ବ୍ରହ୍ମା

ଯେତେ ଅଭିମାନ ଅଢେଇ ମିନିଟ୍ କୁ କାହିଁ
ଧରି ବସ କଥା
ନଥାଏ କିଛି ମୂଲ୍ୟ ସବୁ ହୋଇଯାଏ ଶେଷ
ନଇଁ ଯାଏ ମଥା ।

ଚାହିଁ ଦେଲେ ସବୁ ଲାଗନ୍ତି ନିଜର ମଣିଷ
କାହାକୁ କରିବ ରାଗ
ସ୍ନେହରେ ବନ୍ଧା ପରା ତୁମ ସାଙ୍ଗେ ଆମେ
କାହାକୁ କରିବ ଭାଗ ।

ଅଢେଇ ଦିନର ସାଥୀ ପରା ଆମେ
କାହିଁ ବସି ଅଛ ଋଷି
ଚାହିଁ ଦିଅ ସଭିଙ୍କୁ ଭୁଲିଯାଇ ସବୁ କଥା
ପକାଇ ଦିଅ ହସି ।

ବୋହିଯିବ ସମୟ ନଥିବ
ତୁମେ ଖୋଜିଲା ବେଳକୁ
ଯେତେ ଦିନ ଅଛ ବାନ୍ଧି ଦିଅ
ତୁମେ ସ୍ନେହରେ ଆମକୁ ।

+ ପଲାଶପୁର, ଖୋର୍ଦ୍ଧା

ଏକ ଦିବସୀୟ କ୍ୟାମ୍ପସ ସଫେଇ କାର୍ଯ୍ୟକ୍ରମ

ମାଲକାନଗିରି, ୧୧/୩ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପ୍ରୟାସରେ ଉଭୟ ବାଳକ ଓ ବାଳିକା ୟୁନିଟର ସ୍ୱେଚ୍ଛାସେବୀମାନେ ଏକ ଦିବସୀୟ କ୍ୟାମ୍ପସ ସଫେଇ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ରବିବାର ସକାଳ ୭ଟା ସମୟରେ ଆରମ୍ଭ କରାଯାଇଥିଲା। ବାଳକ ଓ ବାଳିକା ୟୁନିଟର ପ୍ରାୟତଃ ୭୫ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ମହାବିଦ୍ୟାଳୟ ପରିସରକୁ ସଫା କରିବାରେ ନିଜର ଶ୍ରମଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ର ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡ୍‌କ୍ରସର ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ନିଜେ ସ୍ୱେଚ୍ଛାସେବୀ ଭଳି କଲେଜ ପରିସର ଏବଂ ଏହାର ପାର୍ଶ୍ୱବର୍ତୀ ଅଂଚଳକୁ ସଫା କରିବାରେ ସହାୟତା କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଗୌତମ ନାୟକ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ସୁଶାନ୍ତ ମାଝୀ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ସ୍ୱେଚ୍ଛାସେବୀ ମାନେ ମହାବିଦ୍ୟାଳୟ ପରିସରରେ ଜମା ହୋଇଥିବା ଶୁଖିଲା ପତ୍ରକୁ ସଫା କରିବା ସହିତ, ପ୍ଲାଷ୍ଟିକ ବୋତଲ, ପଲିଥିନ, ବିଭିନ୍ନ ପ୍ରକାର କାଗଜ ଓ ଜରି ଜାତୀୟ ଆବର୍ଜନାକୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରେମରେଖା ଭତ୍ରା ଏବଂ ପ୍ରମୀୟ କୁମାର ମହାନ୍ତି ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ମାନେ ନିୟମିତ ବ୍ୟବଧାନରେ ମହାବିଦ୍ୟାଳୟର ପରିସର ଏବଂ ଏହାର ପାର୍ଶ୍ୱବର୍ତୀ ଅଂଚଳକୁ ସଫା କରିବା ପାଇଁ ପ୍ରତିଜ୍ଞା ଦେଇଥିବା ବେଳେ ପରିବେଶ ପ୍ରଦୂଷଣ ଠାରୁ ଦୂରରେ ରହିବା ଏବଂ ନିଜ ପରିବେଶକୁ ସଫା ସୁତୁରା ରଖିବାକୁ ଅନ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ପରିବେଶ ପ୍ରଦୂଷଣରେ ମୁଖ୍ୟ କାରଣ ହେଉଥିବା ପ୍ଲାଷ୍ଟିକ ଜାତୀୟ ଆବର୍ଜନାର ସଫେଇ ଏବଂ ପଲିଥିନ ବ୍ୟାଗ ବଦଳରେ ଝୋଟ ଏବଂ କାଗଜ ବ୍ୟାଗର ବହୁଳ ବ୍ୟବହାର ଉପରେ ସ୍ୱେଚ୍ଛାସେବୀ ମାନେ ଅନ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପରିବେଶ ସଫା ରଖିବା ପାଇଁ ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ସଚେତନତାର ବାର୍ତା ପହଂଚେଇବା। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପକ ଅଶୋକ କୁମାର ଷଡ଼ଙ୍ଗୀ, ଅଧାପକ ତପନ କୁମାର ବେହେରା, ଉମେଶ ଚନ୍ଦ୍ର ରାଉତ, ଆର କ୍ରାନ୍ତି ସାଗର ଏବଂ ଅଧାପିକା ଆରତୀ ଲୁଗୁନ, ଦିପ୍ତୀରେଖା ମିଶ୍ର, ସୀତାଂଶୁ ମାଳିନୀ ପରିଡା ପ୍ରମୁଖ ଉପସ୍ଥିତ ରହି କ୍ୟାମ୍ପସ ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସହଯୋଗ ଫାଉଣ୍ଡେସନ ତରଫରୁ ରକ୍ତଦାନ ଏବଂ ସଚେତନତା ଶିବିର ଆୟୋଜିତ: ୪୧ ୟୁନିଟ୍ ରକ୍ତ ସଂଗୃହୀତ

ବଲାଙ୍ଗିର, ୧୧/୩ (ନି.ପ୍ର): ବଲାଙ୍ଗୀର ସ୍ଥାନୀୟ ବ୍ଲଡ ବ୍ୟାଙ୍କରେ ରକ୍ତଦାନ ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ସଚେତନତା ଶିବିର ସହଯୋଗ ଫାଉଣ୍ଡେସନ ତରଫରୁ ଆୟୋଜନ ହୋଇଥିଲା। ଏହି ଶିବିରରେ ସମୁଦାୟ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟରତ ଏସଡିଓ ଜ୍ୟୋତିର୍ମୟୀ ଭୁକ୍ତା ଯୋଗଦେଇ ପ୍ରତ୍ୟେକ ରକ୍ତଦାତା ଦେଶର ଜଣେ ଯୋଦ୍ଧା ଅଟନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବରେ ଯୋଗ ଶିକ୍ଷକ ସୁଶ୍ରୀ ସୁଜତା ଡିସ୍ରି ଯୋଗଦେଇ ରକ୍ତଦାନ କରିବା ଦ୍ୱାରା ଶାରୀରିକ ଏବଂ ମାନସିକ ସୁଖ ମିଳିଥାଏ ବୋଲି କହିଥିଲେ । ଏହି ଶିବିର ସ୍ୱାସ୍ଥ୍ୟ ଏବଂ ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଲୋକଙ୍କୁ ରକ୍ତଦାନର ମହତ୍ୱ ବିଷୟରେ ଅବଗତ କରାଇବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ ପାଇଁ ରକ୍ତଦାନ ଶିବିର ଆୟୋଜନ ଗୁରୁତ୍ୱପୂର୍ଣ୍ଣ ଅଟେ। ରକ୍ତଦାନ ଶିବିରର ମୂଳ ଉଦ୍ଦେଶ୍ୟ ହେଉଛି ରକ୍ତ ଆବଶ୍ୟକତାକୁ ପୂରଣ କରିବା। ରକ୍ତଦାନ ଶରୀରରେ ନୂତନ ରକ୍ତ ସୃଷ୍ଟି କରେ ଏବଂ ଏହା ଏକ ସୁସ୍ଥ ଜୀବନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରକ୍ତଦାନ ଶିବିରଗୁଡିକ ନିୟମିତ ଭାବରେ ସଂଗଠିତ ହେବା ଉଚିତ ଯାହା ଲୋକଙ୍କ ମଧ୍ୟରେ ରକ୍ତଦାନ ବିଷୟରେ ସଚେତନତା ସୃଷ୍ଟି କରିଥାଏ ଏବଂ ସେମାନେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥାନ୍ତି।

ଆଜିର ରକ୍ତଦାନ ଶିବିରକୁ ସଫଳ କରିବାରେ ଆର୍ତତ୍ରାଣ ପାଢ଼ୀ, ପ୍ରଭାତ ଶ୍ରୀବାସ୍ତବ, ସୁଦୀପ ତ୍ରିପାଠୀ, ତୋଫାନ୍ ପାତ୍ର, ସନ୍ତୋଷ ଲାଲ, ନାସିର ଖାନ୍, ଦୀପକ ଜୈନ, ରାମ ନାରାୟଣ ଦାଶ ଏବଂ ସମସ୍ତ ବ୍ଲଡ ବ୍ୟାଙ୍କ କର୍ମଚାରୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ସମସ୍ତ ରକ୍ତଦାତା ମାନଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସହଯୋଗ ଫାଉଣ୍ଡେସନ ସମ୍ପାଦିକା ପିଙ୍କି ମୋଦୀ ମତ ପ୍ରକାଶ କରିଛନ୍ତି ।

ଦୁଇ ବାଇକ ମଧ୍ୟରେ ଧକ୍କା: ୩ ଆହତ, ଜଣେ ଗୁରୁତର

କୋରେଇ, ୧୧/୩ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋତି ନିକଟରେ ଥିବା ପୁରୁଣା ଟୋଲ ଗେଟ ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ଲାଗି ତିନି ଜଣ ଆହତ ହୋଇଛନ୍ତି। ପ୍ରକାଶଯେ କଟକରୁ ବାଇକ (ଓଡ଼ି ୦୧ଏଏଚ୮୮୫୯)ରେ ବାଲେଶ୍ୱର ଯାଉଥିବା ଏକ ଦମ୍ପତି ପୁରୁଣା ଟୋଲ ଗେଟ ନିକଟରେ କୌଣସି କାରଣରୁ ହଠାତ ବ୍ରେକ ମାରିବାରୁ ପଛରୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ପତି ପତ୍ନୀଙ୍କ ସମେତ ପଛ ବାଇକ ଆରୋହୀ ଗୋଳେଇପୁର ପଂଚାୟତ ଅନ୍ତର୍ଗତ ସୋତି ଗ୍ରାମର ମୀନକେତନ ଦଳାଇ ରାସ୍ତା ଉପରେ ପଡ଼ି ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲିର ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ,ସଦସ୍ୟ ପ୍ରସନଜିତ ପଣ୍ଡା, ଶ୍ୱେତାଳିନା ପଣ୍ଡା ,ଅଜିତ କୁମାର ସାହୁ ପ୍ରମୁଖ ପହଂଚି ଆହତ ବ୍ୟକ୍ତି ମାନଙ୍କୁ ନିକଟସ୍ଥ ଏକ ବେସରକାରୀ ନର୍ସିଂ ହୋମରେ ପ୍ରାଥମିକ ଚିକିତ୍ସା ନିମନ୍ତେ ଭର୍ତି କରିଥିଲେ। ତେବେ କଟକରୁ ବାଲେଶ୍ୱର ଯାଉଥିବା ଦମ୍ପତିଙ୍କ ମଧ୍ୟରୁ ପତ୍ନୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଦମ୍ପତିଙ୍କର ପରିଚୟ ମିଳିପାରିନାହିଁ।

ଲିଙ୍ଗେଶ୍ୱର ଉନ୍ନୟନ କମିଟିର ୫୪ତମ ବାର୍ଷିକୋତ୍ସବ

କୋରେଇ, ୧୧/୩ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ପୂର୍ଣ୍ଣତୋୟା ବୈତରଣୀ କୂଳରେ ଅବସ୍ଥିତ ବାବା ଲିଙ୍ଗେଶ୍ୱର ପୀଠ ମୂଳାପାଳ ଠାରେ ଲିଙ୍ଗେଶ୍ୱର ଉନ୍ନୟନ କିମଟି ତାର ୫୪ ତମ ବାର୍ଷିକୋତ୍ସବ ପାଳନ କରିଛି । କମିଟିର ଉପ ସଭାପତି ବାସୁଦେବ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଉନ୍ନୟନ କମିଟିର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ବୃନ୍ଦାବନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉନ୍ନୟନ କମିଟିର ସମ୍ପାଦକ ଗୋଲେଖ ଚନ୍ଦ୍ର ମାଝୀ ସମ୍ପାଦକୀୟ ବିବରଣୀ ପାଠ ସହ ଆନୁଷ୍ଠାନର ଅଗ୍ରଗତି, କମିଟି ଦ୍ୱାରା ସ୍ଥାନୀୟ ଅଂଚଳରେ କାରାଯାଇଥିବା ଜନ ମଙ୍ଗଳ କାର୍ଯ୍ୟ ଓ ମନ୍ଦିର ପ୍ରତିଷ୍ଠା ସର୍ମ୍ପକରେ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପଣ୍ଡିତ ସୂର୍ଯ୍ୟମଣି ଖୁଂଟିଆ ଉତ୍ସବକୁ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ କେଶରୀ ଆଚାର୍ଯ୍ୟ, ସମ୍ମାନୀତ ଅତିଥିଭାବେ ପାଣିକୋଇଲି ମାତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଲିଙ୍ଗେଶ୍ୱର ଉନ୍ନୟନ କମିଟିର ପ୍ରକାଶନାରେ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆଙ୍କ ସମ୍ପାଦିତ ପୁସ୍ତିକା କଥାରେ କଥାରେ ସପ୍ତସତୀ ଓ କ୍ଷେତ୍ରବାସୀ ସାହୁଙ୍କ ମା ମଙ୍ଗଳା ମହିମା ଉନ୍ମୋଚିତ ହୋଇଥିଲା । ଶ୍ରୀ ଶ୍ରୀ ଚଣ୍ଡି ବା ଦୁର୍ଗା ସପ୍ତସତୀ ଉପରେ ଧାରାବାହିକଭାବେ ରଚନା କରିଥିବା ପ୍ରବନ୍ଧ ଗୁଡିକୁ ଏକତ୍ରିତ କରି ପୁସ୍ତକଟିକୁ ପ୍ରକାଶ କରିଛନ୍ତି ଶ୍ରୀ ଖୁଂଟିଆ । ବିଦଗ୍ଧ ପଣ୍ଡିତ ପାଠକ ମାନଙ୍କ ପାଇଁ ପୁସ୍ତକଟି ପଠନ ଉପଯୋଗୀ ହେବ ବୋଲି ଆଶା କରାଯାଇଥିଲା । ରାଜପଥ ପୋଟ୍ରୋଲିଙ୍ଗ ଅଧିକାରୀ ସବଇନ୍ସପେକ୍ଟର ଅଶୋକ କୁମାର ବଳ ଓ ଜାତୀୟ କ୍ରୀଡାରେ ସୂର୍ଣ୍ଣପଦକ ହାସଲ କରିଥିବା ବ୍ରଜନଗର ଗ୍ରାମର କନ୍ୟା ଦ୍ୱେଜ୍ୱସିନୀ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁରୁଜୀ ଭାସ୍କର ଚନ୍ଦ୍ର ପଣ୍ଡା ଓ ସନ୍ତୋଷିନୀ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ କାଷାଧ୍ୟକ୍ଷ ମଦନ ମୋହନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାରତୀୟ ମଜଦୁର ସଂଘର ଜିଲ୍ଲା ଅଧିବେଶନ

ପୁରୀ, ୧୧/୩ (ନି.ପ୍ର): ଭାରତୀୟ ମଜଦୁର ସଂଘର ପୁରୀ ଜିଲ୍ଲା ଅଧିବେଶନ ବଡଦାଣ୍ଡ ସ୍ଥିତ ଲୋକନାଥ ଲଜ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଭାପତି ରାଜକୁମାର ମିଶ୍ର ଅଧକ୍ଷତା କରିଥିଲେ । କାର୍ଯ୍ୟକାରୀ ସଭାପତି ପ୍ରତିମା ମଞ୍ଜରୀ ଦତ ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ପୃଥିବୀରାଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅସଂଗଠିତ ଶ୍ରମିକ ମାନଙ୍କୁ ସାମାଜିକ ସୁରକ୍ଷା ଦେବାକୁ ଦାବି କରିଥିଲେ । ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ଦାଶ ଯୋଗଦେଇ ଶ୍ରମିକମାନେ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ନୂତନ ଜିଲ୍ଲା କମିଟି ଗଠିତ ହୋଇଥିଲା । ସଭାପତି ଭାବେ ରାଜକୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପ୍ରତିମା ମଞ୍ଜରୀ ଦତ, ଉପସଭାପତି ବ୍ରଜବନ୍ଧୁ ଦାସ ଓ ଅମିୟ କୁମାର ରାୟଙ୍କୁ ଚୟନ କରାଯାଇଥିଲା । ଏହା ସହ ସଂପାଦକ ଭାବେ ବିଶ୍ୱନାରାୟଣ ଦାସ, ସହ ସଂପାଦକ ସର୍ବେଶ୍ୱର ମହାରଣା, ଯୁଗ୍ମ ସମ୍ପାଦକ ଗଣେଶ ଆଚାରୀ, ସଂଗଠନ ସମ୍ପାଦିକା ଭବାନୀ ମିଶ୍ର, କୋଷାଧକ୍ଷ ମଞ୍ଜୁଲତା ମୁଦୁଲି, ଉପଦେଷ୍ଟା ବିଭୁଦେନ୍ଦ୍ର ନାୟକ, କୁଳମଣି ପୃଷ୍ଟି ଓ ସୁଷମା ବେହେରାଙ୍କୁ ମନୋନୀତ କରାଯାଇଥିଲା । କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ରୀତା ମାଝୀ, ସନ୍ଧ୍ୟାରାଣୀ ମିଶ୍ର, ବିଜୟଲକ୍ଷ୍ମୀ ମିଶ୍ର, ରଞ୍ଜିତା ଦାସ, ନେତ୍ରାନନ୍ଦ ସାହୁ ଓ ପ୍ରିୟବ୍ରତ ଜେନା ପ୍ରମୁଖଙ୍କୁ ଚୟନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ଘରୋଇ ସେବିକା, ଠିକା କର୍ମଚାରୀ, ରେଲୱେ ଠିକା କର୍ମଚାରୀ, ଉଜ୍ଜ୍ୱଳା ଦିଦି, ମତ୍ସ୍ୟଜୀବୀ, ଇ ରିକ୍ସା ଚାଳକ, ଉଠାଦୋକାନୀ, ହୋଟେଲ ଲଜିଂ କର୍ମଚାରୀ ସଂଘ ତରଫରୁ ଶ୍ରମିକ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସଂଗଠନ ସମ୍ପାଦିକା ଭବାନୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବଲାଙ୍ଗିର ପାଇଁ ଜନ ସହ ଜନ ସହଭାଗିତା କାର୍ଯ୍ୟକ୍ରମରେ ଯୋଗଦେଲେ ଶତାଧିକ ଅନୁଷ୍ଠାନ

ବଲାଙ୍ଗିର, ୧୧/୩ (ନି.ପ୍ର): ଲୋକଙ୍କ ପ୍ରସ୍ତାବଗୁଡିକୁ ଗ୍ରହଣ କରି ସେମାନଙ୍କ ସହଭାଗିତାରେ ବଲାଙ୍ଗୀରର ବିକାଶ ଧାରା ଆଗେଇ ଚାଲିବ । "ବଲାଙ୍ଗୀରର ଉନ୍ନତି ହେଉଛେ ଓ ଆଗକେ ହେବା,କଥାରେ ନୁହେଁ ଆମେ କାମରେ ବିଶ୍ୱାସ କରୁ" ବୋଲି ସ୍ଥାନୀୟ ମୀନା ଟେଣ୍ଟ ହାଉସ ଠାରେ ବଲାଙ୍ଗୀରର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଜାତି ଅନୁଷ୍ଠାନ ଗୁଡିକୁନେଇ ଆୟୋଜିତ "ବଲାଙ୍ଗୀର ପାଇଁ ଜନସହଭାଗୀତା" କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ରାଜ୍ୟ ହାଉସିଂ ବୋର୍ଡର ଅଧକ୍ଷ କଳିକେଶ ନାରାୟଣ ସିଂଦେଓ ମତ ଦେଇଛନ୍ତି । ଶ୍ରୀ ସିଂଦେଓ ସେ ସାଂସଦ ତଥା ଅନଙ୍ଗଉଦୟ ସିଂଦେଓ ମନ୍ତ୍ରୀଥିବା ସମୟରେ ବଲାଙ୍ଗୀର ବିକାଶ ପାଇଁ କରିଥିବାପ୍ରୟାସ ବିଷୟରେ ବକ୍ତବ୍ୟ ରଖିଥିଲେ । ବଲାଙ୍ଗୀର ବିକାଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁଜନତାଦଳ ନେଇଥିବା ପଦକ୍ଷେପ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ । ବଲାଙ୍ଗୀରର ଖୋର୍ଦ୍ଧା- ବଲାଙ୍ଗୀର ରେଳପଥ ତ୍ୱରାନ୍ୱିତ, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ତରଭାରୁ ବଲାଙ୍ଗୀରକୁ ଅଣାଯାଇଥିବା ପାନୀୟଜଳ ପ୍ରକଳ୍ପ, ବଲାଙ୍ଗୀରର ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମାନେଜମେଣ୍ଟ, ଭୀମଭୋଇ ମେଡିକାଲ କଲେଜ ଏବଂ ୬୫୦ ଶଯ୍ୟାବିଶିଷ୍ଟ ହସ୍ପିଟାଲ, ବାଇପାସ ରାସ୍ତା, ରିଂରୋଡ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ତୁଷୁରା ଉଡାଜାହାଜ ପଡିଆ, ମନ୍ଦିର, ମସଜିଦ ଓ ଗୀର୍ଜାଘର ରୂପାନ୍ତରିକର, ପାର୍କଗୁଡିକର ଉନ୍ନତିକରଣ ଓ ସ୍ମାର୍ଟପାର୍କ ଭଳି ଅତ୍ୟାଧୁନିକ ପାର୍କ ନିର୍ମାଣ, ବସଟର୍ମିନାଲ ନିର୍ମାଣ ଭଳି ବିକାଶ ପ୍ରକଳ୍ପରେ କଳିକେଶ ଓ ଅନଙ୍ଗଉଦୟ ସିଂଦେଓଙ୍କ ଭୂମୀକା ବିଷୟରେ କହିଥିଲେ । କେବଳ ସେତିକି ନୁହେଁ ମହାରାଜା ପୃଥ୍ୱୀରାଜ ସିଂଦେଓ, ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ରାଜତ୍ୱ ତଥା ସ୍ୱାଧିନତା ପୂର୍ବବର୍ତୀ ସମୟରେ କରିଥିବା ପୃଥ୍ୱୀରାଜ ହାଇସ୍କୁଲ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, କୋସଳ କଳାମଣ୍ଡଳ ପଡିଆ ଭଳି ବିକାଶ ପ୍ରକଳ୍ପ ଉପରେ ହିସାବ ଦେଇଥିଲେ । ଆଜି ବହୁବର୍ଷ ପରେ ରାଜ ପରିବାରର ପୂର୍ବତନମନ୍ତ୍ରୀ ଅନଙ୍ଗଉଦୟ ସିଂଦେଓ, କଳିକେଶ ନାରାୟଣ ସିଂଦେଓ, କଳିକେଶଙ୍କ ପତ୍ନୀ ମେଘନା ସିଂଦେଓ, ମନ୍ମଥ ବିଜୟ ସିଂଦେଓ, ଅର୍କେଶନାରାୟଣ ସିଂଦେଓ ଦଳର ବରିଷ୍ଠ କର୍ମକର୍ତାଙ୍କ ସହିତ ବଲାଙ୍ଗୀର ସହରର ବିଭିନ୍ନ ବର୍ଗଙ୍କୁ ଡାକି ଆଲୋଚନା କରିବା ସହିତ ସେମାନଙ୍କ ପ୍ରସ୍ତାବ ନେଇ ଆଲୋଚନା କରିଥିଲେ । ଆଜିର କାର୍ଯ୍ୟକ୍ରମ ସଂପୂର୍ଣ୍ଣ ସକାରାତ୍ମକ ଥିଲା । ବିରୋଧିଦଳଙ୍କ ପ୍ରତି କୌଣସି ଆକ୍ଷେପ ନକରି ନିଜେ କରାଇଥିବା ପ୍ରକଳ୍ପ ବିଷୟରେ ଲୋକଙ୍କୁ ସୂଚନା ଦେଇ ରାଜପରିବାର ପ୍ରକାରାନ୍ତରେ ବିରୋଧିଙ୍କର ବୟାନର ନୀରବ ଉତର ରଖିଛନ୍ତି ।

ସେପଟେ ବଲାଙ୍ଗୀର ସହରର ଶତାଧିକ ସଂଗଠନର କର୍ମକର୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ମତ ଉପସ୍ଥାପନ କରିବା ସହିତ ଏକ ଫର୍ମରେ ସେମାନଙ୍କର ପ୍ରସ୍ତାବକୁ ଉଲ୍ଲେଖ ମଧ୍ୟ କରି ଦେଇଛନ୍ତି, ଯାହାକି ଆଗାମୀ ଦିନରେ ଏହି ଏକ ସକାରାତ୍ମକ ବିକାଶ ପାଇଁ ପ୍ରସ୍ତାବ ବୋଲି ଆଲୋଚନା ହୋଇଥିଲା । ଆଜି ଲୋକମାନେ ଦେଇଥିବା ପ୍ରସ୍ତାବଗୁଡିକ ମଧ୍ୟରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜର ହସପିଟାଲ କୁ ପୂର୍ଣ୍ଣକାର୍ଯ୍ୟକ୍ଷମ କରି ରୋଗୀଙ୍କ ପାଇଁ ଏମଆରଆଇ ଲଗାଇବା, ଜଳସେଚନ ପାଇଁ ବ୍ୟାପକ ବ୍ୟବସ୍ଥା କରିବା, ବଲାଙ୍ଗୀରରେ କୃଷିବିଦ୍ୟାଳୟ ସ୍ଥାପନ, ନିଯୁକ୍ତି ଭିତିକ କାରଖାନା ସ୍ଥାପନ, କ୍ରୀଡ଼ାର ବିକାଶ ପାଇଁ ଅଧିକ ସୁଯୋଗ, ମହିଳାଙ୍କୁ ସ୍ୱାବଲମ୍ବି ହେବାର ସୁଯୋଗ, ବଲାଙ୍ଗୀରରେ ହାଇକୋର୍ଟ ସ୍ଥାପନ ଇତ୍ୟାଦି ମୂଳସମସ୍ୟା ବିଷୟରେ ପ୍ରସ୍ତାବ ଆସିଥିଲା । ବଲାଙ୍ଗୀର ଲୋକଙ୍କ ସହଯୋଗରେ ଲୋକମାନେ ଦେଉଥିବା ପ୍ରତ୍ୟେକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସମାଧାନ କରାଯିବାକୁ ଉଦ୍ୟମ କରାଯିବ ବୋଲି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗଉଦୟ ସିଂଦେଓ ଓ କଳିକେଶ ନାରାୟଣ ସିଂଦେଓ ପ୍ରତିଶ୍ରୁତି ଦେଇଥିଲେ ।

ଆଜିର ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଠୁ ନେଇ ଯୁବ ଓ ମହିଳା ସଂଗଠକମାନେ ଯୋଗ ଦେଇଥିଲେ । ବଲାଙ୍ଗୀରର ବିକାଶ ମୂଳଲକ୍ଷ୍ୟ ହେଉ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ ।

ପରିବା ବଜାରରୁ ଗାଡି ସହ ଉଠାଇ ନେଲେ, ମିଳିଲା ମୃତଦେହ

ରାଉରକେଲା, ୧୧/୩ (ନି.ପ୍ର): ରାଉରକେଲା ସହରର ଝିରିପାଣି ପରିବା ବଜାରକୁ ପରିବା ବିକିବାକୁ ଆସିଥିବା ଜଣେ ବେପ

ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା କଂଗ୍ରେସରେ ସାମିଲ

ବାଲେଶ୍ୱର , ୧୧/୩ (ନି.ପ୍ର): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଦିବା ୧:୩୦ ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ତଥା ପ୍ରଥମ ବିଧାୟକ ସୁଦର୍ଶନ ଜେନା ତାଙ୍କର ଶତାଧିକ ସମର୍ଥକ ଙ୍କୁ ନେଇ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି ଙ୍କ ନେତୃତ୍ୱରେ ଓଡିଶା କଂଗ୍ରେସ ପ୍ରଭାରୀ ଡ଼.ଅଜୟ କୁମାର,ପିସିସି ସଭାପତି ଶରତ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ପ୍ରସାଦ ହରିଚନ୍ଦନ, ବିଶ୍ୱରଞ୍ଜନ ମୋହାନ୍ତି, ଆଦି ବରିଷ୍ଠ ନେତା ଙ୍କ ଉପସ୍ଥିତି ରେ ବିଜେଡି ଛାଡି ବିଧିବଦ୍ଧ ଭାବେ କଂଗ୍ରେସ ରେ ଯୋଗ ଦେଲେ।ଶ୍ରୀ ଜେନା ରାହୁଲ ଗାନ୍ଧୀ ଙ୍କ ପ୍ରଥମେ ଭାରତ ଜୋଡ ଯାତ୍ରା ଓ ଏବେ ଭାରତ ଜୋଡ ନ୍ୟାୟ ଯାତ୍ରା ରେ ପ୍ରଭାବିତ ହୋଇ ନଫରତ ବଜାରରେ ପ୍ରେମ ର ଦୋକାନ ଖୋଲିବା ପାଇଁ ଏବଂ ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ବିଜେପି ସରକାର ର ଚାଷୀ ବିରୋଧୀ,ଶ୍ରମ ବିରୋଧୀ,ଶିକ୍ଷା ବିରୋଧୀ ,ମହିଳା ବିରୋଧୀ, ମୋଟା ମୋଟୀ ଜନବିରୋଧୀ ନୀତି ବିରୁଦ୍ଧରେ ଲଢ଼ିବା ପାଇଁ ଜନସାଧାରଣଙ୍କ ଦଳ ସନ୍ନିଧାନରେ ବିଶ୍ୱାସ ରଖୁଥିବା ଦଳ କଂଗ୍ରେସ ଦଳରେ ଯୋଗ ଦେଲେ ବୋଲି କହିଛନ୍ତି ।ତାଙ୍କ ସହ ଯୋଗଦେଇଥିବା ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଦର ବ୍ଲକ ଉପାଧ୍ୟକ୍ଷ ଅଜୟ ନାରାୟଣ ସାମଲ,କମଲ ଲୋଚନ ଆଚାର୍ଯ୍ୟ,ସେକ୍ ରାଜୁ,ସେକ୍ ଆଦିଲ,ଅତିଶ ଦୀପଙ୍କର ମିଶ୍ର,ସାଦବ କାଦିର,ମଲ୍ଲିକ ଜଲାଲ ପ୍ରମୁଖ ।ଏହି ମିଶ୍ରଣ ପର୍ବ ସମୟରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ଓ ରେମୁଣା କଂଗ୍ରେସ ତରଫରୁ ଜିଲ୍ଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗା ଯୋଗ ବିଭାଗ ଅଧ୍ୟକ୍ଷ ବିକାଶ କୁମାର ଦାସ,ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ସାମାଜିକ ଗଣମାଧ୍ୟମ ଜିଲ୍ଲା ମୁଖ୍ୟ ନବକିଶୋର ଭୁଇଁୟା, ନିରଞ୍ଜନ ବେହେରା, କହ୍ନେଇ ବେହେରା, ଶ୍ରୀକାନ୍ତ ପତି, ଅନିରୋଧ ସେନାପତି,ରମେଶ ଚନ୍ଦ୍ର ଦାସ,ପ୍ରକାଶ ମଲ୍ଲିକ,ରାଜେନ୍ଦ୍ର ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ପାଇକସାହି ହାଇସ୍କୁଲ ୨୦୦୮ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ

ବେତନଟୀ, ୧୧/୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଶ୍ରୀ ଚୈତନ୍ୟଦେବ ବିଦ୍ୟାପୀଠ ପାଇକସାହି ଉଚ୍ଚ ବିଦ୍ୟାଳୟର ୨୦୦୮ ମ୍ୟାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀମାନେ ମିଶି ବାଲେଶ୍ୱରସ୍ଥିତ ଚାନ୍ଦିପୁରଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏଥିରେ ୨୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେବା ସହ ସମସ୍ତେ ମିଳି ମିଶି ଏହି କାର୍ଯ୍ୟକ୍ରମକୁ ସଫଳ ସମାପନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତେ ସ୍କୁଲ ଦିନର ନିଜ ନିଜର ଅନୁଭୂତି ଆଦାନ ପ୍ରଦାନ କରିଥିଲେ । ତତସହିତ ଏହିପରି ବନ୍ଧୁମିଳନ ଆଗାମୀ ଦିନରେ ପ୍ରତି ବର୍ଷ ହେବା ସହ ଅନେକ ପ୍ରକାର ସାମାଜିକ କାର୍ଯ୍ୟକ୍ରମ କରାଯିବା ନେଇ ପ୍ରସ୍ତାବ ରଖାଯାଇଥିଲା । ଶ୍ରୀ ଚୈତନ୍ୟ ଦେବ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର ଆସନ୍ତା ବର୍ଷ ୨୦୨୫ ରେ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ହେବାକୁ ଥିବା ବେଳେ ଏଥିନିମନ୍ତେ ଏହି ବ୍ୟାଚର ଛାତ୍ରଛାତ୍ରୀଙ୍କ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ରହିବା ନେଇ ନିଷ୍ପତି ନିଆଯାଇଥିଲା । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ସଭା ଭଙ୍ଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ହିରଣ୍ୟ କିନର ଗିରି, ଜ୍ୟୋତି ରଞ୍ଜନ ଜେନା, ହେମନ୍ତ ନନ୍ଦ ବ୍ରହ୍ମଚାରୀ, ସିଦ୍ଧାର୍ଥ ବେହେରା, ତରୁଣ ମଲ୍ଲିକ, ଉଦିତ ପରିଡା, ଲୀଳାମୟ ସିଂହ, ଶୀତଳ ସାହୁ, ସୁବ୍ରତ ରାଉଳ, ସୌମ୍ୟକାନ୍ତ ଜେନା, ସାଜନ ମନ୍ତ୍ରୀ, କାମିନୀ କାନ୍ତ ଜେନା, ଅମୀୟ ରଞ୍ଜନ ଲେଙ୍କା, ହିମାଂଶୁ ବାରିକ, ଅଙ୍କିତ ପରିଡା, ସୁଧାଂଶୁ ରାଉତ, ତାପସ ନାୟକ, ଇପ୍ସିତା ନାୟକ, ମାନସୀ ଦାସ ସମେତ ଅନେକ ପୁରାତନ ଛାତ୍ର ଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଚିରନିଦ୍ରାରେ ବରିଷ୍ଠ ଆଇଏଏସ ସରୋଜ ସେଠୀଙ୍କ ପିତା ଗୁରୁପ୍ରସାଦ: ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶେଷଦର୍ଶନ

ନୀଳଗିରି, ୧୧/୩ (ନି.ପ୍ର): ବରିଷ୍ଠ ଆଇଏଏସ ସରୋଜ କୁମାର ସେଠୀଙ୍କ ପିତା ଗୁରୁପ୍ରସାଦ ସେଠୀଙ୍କ ୯୪ବର୍ଷ ବୟସରେ ଦେହାନ୍ତ ହୋଇଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ଗାଁ ତେନ୍ତୁଳିଆ ଠାରେ ୧୭.୧୧.୧୯୨୯ମସିହାରେ ଏକ ଗରିବ ପରିବାରରେ ଗୁରୁପ୍ରସାଦ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଅତି ଦୁଃଖକଷ୍ଟରେ ଜୀବନ ଅତିବାହିତ କରିବା ସହିତ ପାଠ ପଢ଼ି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ପରେ ପତ୍ନୀ ରାହାସମଣିଙ୍କ ହାତଧରିବା ସହିତ ତାଙ୍କ ଔରସରୁ ୫ଗୋଟି ସନ୍ତାନର ଜନକ ହୋଇଥିଲେ। ମାତ୍ର ଜଣେ

ଶିକ୍ଷକ ଭାବରେ ତାଙ୍କ ପିଲାମାନଙ୍କୁ ପାଠପଢା ସହିତ ସଂସ୍କାର ପ୍ରଦାନ କରିବାରେ ଅବହେଳା କରି ନଥିଲେ। ସେଥିପାଇଁ ବଡ଼ପୁଅ ସନ୍ତୋଷ କୁମାର ସେଠୀ ଜଣେ ପ୍ରଫେସର ଭାବେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଥିବାବେଳେ ତାଙ୍କ ପରବର୍ତ୍ତୀ ପୁତ୍ର ସରୋଜ ସେଠୀ ଜଣେ ବରିଷ୍ଠ ଆଇଏଏସ ଅଧିକାରୀ ଭାବେ ଇଡକୋ ର ଚିଫ ଜେନେରାଲ ମ୍ୟାନେଜର (ଭୂମି)ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି। ପରବର୍ତ୍ତୀ ପୁତ୍ର ସୁବୋଧ ଗାଁରେ ରହି ବାପା ମାଙ୍କ ସେବା କରିବା ସହିତ ଗ୍ରାମର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି। ସାନପୁଅ ସୁଶାନ୍ତ ଜଣେ ଗେଷ୍ଟ୍ରୋଲୋଜି ଡାକ୍ତର ଭାବରେ ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି। ଏକମାତ୍ର ଝିଅ ସୁକାନ୍ତି ମଧ୍ୟ ଜଣେ ଉଚ୍ଚ ଶିକ୍ଷିତା ଅଟନ୍ତି। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ଗତ ରବିବାର ରାତ୍ର ୩ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଜଣେ ଛାତ୍ରବତ୍ସଳ ଏବଂ ଉତ୍ତମ ଚରିତ୍ରବାନ ଶିକ୍ଷକ ଭାବରେ ସେ ରାଜ୍ୟପାଳ ପୁରସ୍କାର ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ରାଜ୍ୟ ଯୁବବିଜେଡ଼ି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ପ୍ରମୁଖ ମରଶରୀର ନିକଟରେ ପହଂଚି ଶେଷ ଦର୍ଶନ କରିଥିଲେ। ନୀଳଗିରି ନବଯୌବନ ଭଜନସନ୍ଧ୍ୟା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ତାଙ୍କ ମରଶରୀର ନିକଟରେ ପରିବାରର ସମସ୍ତ ସଦସ୍ୟ, ୪ପୁଅ ଓ ଏକମାତ୍ର ଝିଅ ଉପସ୍ଥିତ ଥିବାବେଳେ ସାନପୁଅ ଡାକ୍ତର ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ସେ ଅଞ୍ଚଳରେ ଜଣେ ସହୃଦୟ ବ୍ୟକ୍ତି ଭାବରେ ସବୁବର୍ଗର ଲୋକମାନଙ୍କ ପାଖରେ ଠିଆ ହୋଇପାରିଥିବାରୁ ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଆଦିବାସୀ କୁଡୁମୀ ସମାଜ ପକ୍ଷରୁ ସାମୁହିକ ଗଣଧାରଣା

ମୟୂରଭଞ୍ଜ, ୧୧/୩ (ନି.ପ୍ର): ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ '' ଆଦିବାସୀ କୁଡୁମୀ ସମାଜ '' ତରଫରୁ ଏସ.ଟି ନାହିଁ ତ ଭୋଟ ନାହିଁ '' ଏହି ଡାକରାରେ ସାମୁହିକ 'ଗଣଧାରଣା' ଦିଆଯାଇଥିଲା । ଏଥିରେ ଆଦିବାସୀ କୁଡୁମୀ ସମାଜର ଜିଲ୍ଲା ସଭାପତି ଶ୍ରୀ ନିରଞ୍ଜନ ମହାନ୍ତଙ୍କର ଅଧ୍ୟକ୍ଷତାରେ ଓ ପରିଚାଳନାରେ ସମାହିତ ହୋଇଥିଲା । ଦଶନ୍ଧି ଦଶନ୍ଧି ଧରି ଆଜକୁ ଦୀର୍ଘ ୭୫ ବର୍ଷ ହେଲା କୁଡୁମୀ ମାନେ ଭୋଟ ଦେଇ ବିଧାୟକ ଓ ସାଂସଦ ନିର୍ବାଚିତ କରୁଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କର ଦୀର୍ଘ ଦିନର ଦାବୀ ଅନୁସୂଚୀତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ କେହି ପଦୁଟିଏ ତାଙ୍କ ତାଙ୍କ ଦଳର ନେତାଙ୍କୁ କହୁ ନାହାନ୍ତି । ଯାହା ଫଳରେ କୁଡୁମୀମାନେ ତାଙ୍କ ସାନ୍ନିଧାନିକ ଅଧିକାରରୁ ବଞ୍ଚିତ ହୋଇ ଅତି ଲାଞ୍ଛିତ ଓ ଅବହେଳିତ ଜୀବନ ବିତାଉଛନ୍ତି । ଯଦି ଆମ ଜନ ପ୍ରତିନିଧି ଯାହାଙ୍କୁ ଆମେ ଭୋଟ ଦେଇ ବିଧାୟକ ବା ସାଂସଦ କରିଛୁ ସିଏ ଯଦି କୁଡୁମୀ ମାନଙ୍କ ଦାବୀ ନ ଉଠାଇବେ ତାହା ହେଲେ କିଏ ଆଉ ଉଠାଇ ଥାଆନ୍ତା ? ଉପରୋକ୍ତ କଥା ଗୁଡିକ ଜଣେ ପରେ ଜଣେ କୁଡୁମୀ ନେତାମାନେ ଭାଷଣ ମାଧ୍ୟମରେ ସରକାର ମାନଙ୍କୁ ଓ ଦଳୀୟ ନେତାମାନଙ୍କୁ ତିରସ୍କାର ଓ ଭର୍ତ୍ସନା କରିଥିଲେ । ଏଣୁ ସମଗ୍ର କୁଡୁମୀ ସମାଜକୁ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । କୁଡୁମୀ ଜନଜାତି ସେମାନଙ୍କୁ ଭୋଟ ଦେଇ ଯଦି ତାଙ୍କର ହକ୍ ସାନ୍ନିଧାନିକ ଅଧିକାର ପାଇବାରୁ ବଞ୍ଚିତ ହେବେ ତ କ'ଣ ପାଇଁ ଏମାନେ ଭୋଟ ଦେବେ ? ଏମାନଙ୍କର ଭୋଟର ମୂଲ୍ୟ ମାନେ ଯଦି କିଛି ରହୁ ନାହିଁ ତ ନିରୁପାୟ ଭାବେ ଦୁଃଖ ଓ କ୍ଷୋଭର ସହିତ ଭୋଟ ବର୍ଜନ କରିବା ହିଁ ଏକମାତ୍ର

ନିଷ୍ପତ୍ତି । କୁଡୁମୀ ଜାତିର ଯଦି କେହି ନୁହେଁ ତ ଏ ଜାତି ବି କାହାର ହେବ ନାହିଁ । ଏ ସବୁ ଆଲୋଚନା ହୋଇ ସର୍ବ ସମ୍ମତିକ୍ରମେ ଭୋଟ ବର୍ଜନ କରିବା ହେଉ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା ଏବଂ ମୟରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ଭାରତର ମୁଖ୍ୟ ନିର୍ବାଚନ କମିଶନର, ମାନ୍ୟବର ପ୍ରଧାନ ମନ୍ତ୍ରୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଓ ମାନ୍ୟବର ମୁଖ୍ୟ ରାଜ୍ୟ ନିର୍ବାଚନ କମିଶନଙ୍କୁ ଏସଟି ନାହିଁ ତ ଭୋଟ ନାହିଁ ଦାବୀରେ ମେମୋରେଣ୍ଡାମ୍ ପ୍ରେରିତ କରାଗଲା । ଏଥିରେ ସଂଗଠନର ରାଜ୍ୟ ସଭାପତି ଡକ୍ଟର ମନୋଜ କୁମାର ମହାନ୍ତ, ଶ୍ରୀ ନିରଞ୍ଜନ ମହାନ୍ତ, ଶ୍ରୀ ସଞ୍ଜୀବ କୁମାର ମହାନ୍ତ, ଶ୍ରୀ କୃପାସିନ୍ଧୁ ମହାନ୍ତ, ସ୍ନେହାଶିଷ ମହାନ୍ତ, ମେଘନାଦ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, ଭବାନୀ ମହାନ୍ତ, ଶ୍ରୀମତୀ ବାସନ୍ତୀ ମହାନ୍ତ, ସୁମିତା ମହାନ୍ତ, ନରେନ୍ଦ୍ର ନାଥ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ରବିନ୍ଦ୍ର ମହାନ୍ତ, ମହେଶ୍ୱର ମହାନ୍ତ, ଗୁରୁଚରଣ ମହାନ୍ତ, ଯଦୁପତି ମହାନ୍ତ, ହେମେନ୍ଦ୍ର ମହାନ୍ତ, ସତ୍ୟରଂଜନ ମହାନ୍ତ, ରୁନା ମହାନ୍ତ, ଭୀମଚରଣ ମହାନ୍ତ ପ୍ରଭୃତି ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଲୁଟ୍ ନାଟକ କରି ଫସିଲେ ଏଲଆଣ୍ଡଟି ଫାଇନାନ୍ସ କର୍ମଚାରୀ

ଚମ୍ପୁଆ, ୧୧/୩ (ନି.ପ୍ର): ଏଲ ଆଣ୍ଡ ଟି ଫାଇନାନ୍ସ କର୍ମଚାରୀ ଋଣ ପରିଶୋଧ ଟଙ୍କା ହଡ଼ପ କରିବାକୁ ରଚିଥିଲେ ଲୁଟ୍ ର ନାଟକ । ତେବେ ପୋଲିସ୍ ର ସନ୍ଦେହ ହେବାରୁ ଜେରା ବେଳେ ସତ ଉଗାଳିଛନ୍ତି କର୍ମଚାରୀ। ଲୁଟ୍ ନାଟକ କରି ହଡ଼ପ କରିଥିବା ଟଙ୍କା କର୍ମଚାରୀ ରହୁଥିବା ଭଡା ଘରୁ ଜବତ କରିଥିବା ବେଳେ ସଂପୃକ୍ତ ଫାଇନାନ୍ସ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ମିଳିଥିବା ଖବର ଅନୁଯାୟୀ, ଚମ୍ପୁଆ ଏନଏସି ସାତ ନମ୍ବର ୱାର୍ଡ ଧଳାଡିହ ଠାରେ କାର୍ଯ୍ୟ କରୁଥିବା ଏଲ ଆଣ୍ଡ ଟି ଫାଇନାନ୍ସ କମ୍ପାନୀରେ ଚାନ୍ଦବାଲି ଅଂଚଳର ଲିଟୁ ସେଠୀ ଫିଲ୍ଡ ଅଫିସର ଭାବେ କାର୍ଯ୍ୟ କରୁଥିଲେ । ଗତକାଲି ଚମ୍ପୁଆର ବିଭିନ୍ନ ଅଂଚଳରୁ ଆଦାୟ କରିଥିବା ଲକ୍ଷାଧିକ ଋଣ ପରିଶୋଧ ଟଙ୍କା ନେଇ ଚଂପୁଆ ଆସୁଥିବା ବେଳେ ଶସାଙ୍ଗ ପୋଲ ନିକଟରେ କିଛି ଦୁର୍ବୃତ ବନ୍ଧୁକ ଦେଖାଇ ତାଙ୍କ ଠାରୁ ଟଙ୍କା ଲୁଟ କରିଥିବା ନେଇ କମ୍ପାନୀ ମ୍ୟାନେଜରଙ୍କୁ ଜଣାଇଥିଲେ । ଏ ନେଇ ଫାଇନାନ୍ସ କମ୍ପାନୀ ମ୍ୟାନେଜର ଚିତରଞ୍ଜନ ପଣ୍ଡା ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରି ପ୍ରଥମେ କର୍ମଚାରୀ ଜଣଙ୍କୁ ଜେରା କରିଥିବା ବେଳେ ପୋଲିସ ଜେରାରେ କର୍ମଚାରୀ ଜଣକ ସବୁ ସତ ସତ ମାନି ଯାଇଥିଲେ। ପୋଲିସ ସେ ରହୁଥିବା ଭଡ଼ା ଘରେ ଲୁଚାଇ ରଖିଥିବା ଟଙ୍କାକୁ ଜବତ କରିଛି। ଏଥି ସହିତ ଚମ୍ପୁଆ ଥାନା କେସ ନଂ ୧୦୬/୨୦୨୪ ରେ ମାମଲା ରୁଜୁ କରି ସଂପୃକ୍ତ ଯୁବକଙ୍କୁ କୋର୍ଟଚାଲାଣ କରିଛି । ଏ ସମ୍ପର୍କରେ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀର ଚମ୍ପୁଆ ବ୍ରାଂଚ ମ୍ୟାନେଜର ଚିତରଞ୍ଜନ ପଣ୍ଡାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀ କର୍ମଚାରୀ ମାନେ ସାମ୍ବାଦିକଙ୍କୁ ବିଭିନ୍ନ ବାହାନା କରି କଥା ଲୁଚେଇବାକୁ ଚେଷ୍ଟା କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ବାସ୍ତବ ରୂପ ନେଲା....

ସଂଶୋଧନ ଆଇନ (ସିଏଏ) ଆଣିଥିଲେ। ବିଶେଷ କରି ବାହାର ରାଷ୍ଟ୍ରରେ ଧାର୍ମିକ ଆକ୍ରୋଶର ଶିକାର ହେଉଥିବା ହିନ୍ଦୁମାନଙ୍କୁ ଭାରତର ନାଗରିକତା ଦେବା ପାଇଁ ସିଏଏ ଲାଗୁ ହେବ ବୋଲି କୁହାଯାଇଥିଲା। କେନ୍ଦ୍ରର ମୋଦି ସରକାର ଡିସେମ୍ବର ୨୦୧୯ରେ ଏହି ଆଇନ୍ ଆଣିଥିଲେ। ଏହି ଆଇନ୍ ଅନୁଯାୟୀ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ନିର୍ଯାତିତ ହିନ୍ଦୁ, ଶିଖ, ଜୈନ, ବୈଦ୍ଧ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କୁ ଭାରତ ନାଗରିକତ୍ୱ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ତେବେ ମୁସଲମାନ ସମ୍ପ୍ରଦାୟକୁ କାହିଁକି ଏହି ଆଇନରେ ରଖାଯାଇ ନାହିଁ ବୋଲି ବିରୋଧୀ ପ୍ରଶ୍ନ କରି ସରକାରଙ୍କୁ ଘେରିଥିଲେ।

୪୬ଲକ୍ଷ ଚାଷୀଙ୍କ ଖାତାକୁ ....

୪୬ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ଆଜି ୯୩୩.୦୭ କୋଟି ଟଙ୍କାର କାଳିଆ ସହାୟତା ପ୍ରଦାନ କରାଯାଇଛି। ୨୦୨୪ ମସିହାରେ ଏହା ପ୍ରଥମ କିସ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଜି ଏହି ୨ହଜାର ଟଙ୍କା ଲେଖାଁଏ କାଳିଆ ସହାୟତା ରାଶି ହସ୍ତାନ୍ତର କରିବା ସହ ରାଜ୍ୟର ସମସ୍ତ ଜିଲ୍ଲାରେ ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପାଇଁ ବୈଷୟିକ ସହାୟତା ପ୍ରଦାନ ନିମନ୍ତେ 'କାଳିଆ କେନ୍ଦ୍ର' ମଧ୍ୟ ଉଦଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଚନ୍ତି ଯେ, କାଳିଆ ଯୋଜନାର ଅବଧି ଆଉ ୩ବର୍ଷ ଅର୍ଥାତ ୨୦୨୬-୨୭ ମସିହା ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଏଥିପାଇଁ ରାଜ୍ୟ ସରକାର ୬୦୩୦କୋଟି ଟଙ୍କା ଖର୍ଚ୍ଚ କରିବେ। କାଳିଆ ହିତାଧିକାରୀ ପିଲାମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷରୁ କାଳିଆ ଛାତ୍ରବୃତ୍ତି କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣି ଏନଆଇଟି, ଆଇଆଇଟି, ଆଇଆଇଏମ୍ , ଏମ୍ସ, ଆଇସିଆର ଭଳି ସମ୍ମାନଜନକ ଶିକ୍ଷାନୁଷ୍ଠାନ ସହ ରାଜ୍ୟ ଭିତରେ ଓ ବାହାରେ ଥିବା ବିଭିନ୍ନ ଘରୋଇ ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ପଢୁଥିବା ଚାଷୀ ପରିବାରର ପିଲାମାନଙ୍କୁ କଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ଭୂମିହୀନ ଚାଷୀ ପରିବାରକୁ ଚଳିତ ଖରିଫ ଋତୁ ପାଇଁ ଅତିରିକ୍ତ ଦୁଇ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପୂର୍ବରୁ ୩ଟି କିସ୍ତିରେ ଏହି ଭୂମିହୀନ ଚାଷୀଙ୍କୁ ୧୨୫୦୦ଟଙ୍କା ପ୍ରଦାନ କରାଯାଇଥିଲା। ରାଜ୍ୟର ୧୮ଲକ୍ଷରୁ ଅଧିକ ଭୂମିହୀନ ଚାଷୀ ପରିବାର ଉପକୃତ ହେବେ ଓ ସେବାବଦରେ ମୋଟ ୩୬୦କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଖରିଫ ଋତୁ ପାଇଁ ରାଜ୍ୟର ୪୫ଲକ୍ଷରୁ ଅଧିକ ଚାଷୀଙ୍କୁ କାଳିଆ ସହାୟତା ବାବଦରେ ୨ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଫାଇଭ-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ କହିଥିଲେ ଯେ, ୨୦୧୯ ମସିହାରେ ଆରମ୍ଭ ହୋଇଥିବା କାଳିଆ ଯୋଜନାରେ ଇତିମଧ୍ୟରେ ୬୪ଲକ୍ଷ ଚାଷୀ ଭାଇ ସାମିଲ ହୋଇଛନ୍ତି। ଗତ ୫ବର୍ଷ ମଧ୍ୟରେ ୧୩୭୯୩କୋଟି ଟଙ୍କାର ସହାୟତା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି। ଭାରତ ବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯାଉଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟସଚିବ, ଉନ୍ନୟନ କମିଶନର, କୃଷି ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନ

ମଙ୍ଗଳବାର, ମାର୍ଚ୍ଚ ୧୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସିଇଓଙ୍କୁ ଭେଟି ଦାବିପତ୍ର ଦେଲେ ବିଜେପି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୧/୩ (ନି.ପ୍ର): ନିର୍ବାଚନ ପରିଚାଳନାକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରାଇବା ଦାୟୀତ୍ୱ ହେଉଛି ନିର୍ବାଚନ କମିଶନଙ୍କର, ଆଉ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକୁ ପାଳନ କରିବା ଦାୟୀତ୍ୱ ହେଉଛି ରାଜ୍ୟ ସରକାରଙ୍କର । ସେଥିପାଇଁ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ରାଜ୍ୟ ଉପସଭାନେତ୍ରୀ ଡ.ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେପିର ଏକ ପ୍ରତିନିଧି ଦଳ ଦାବୀ ଜଣାଇଛି । ବିଭିନ୍ନ ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଅଥବା ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅବସ୍ଥାପିତ ଥିବା ବହୁ ଅଧିକାରୀ ଦୃଷ୍ଟିଗୋଚର ହେଉଛନ୍ତି । ସେମାନେ ହେଲେ ଢେଙ୍କାନାଳ ଜିଲ୍ଲାର ପିଡି ଡିଆରଡିଏ ଜ୍ୟୋତି ରଞ୍ଜନ ସାହୁ, ଗଞ୍ଜାମର ଇନ୍‌ସିପେକ୍ଟର ବିବେକାନନ୍ଦ ସ୍ୱାଇଁ, ଗଞ୍ଜାମର ଡିଏସପି ଶିବ ଶଙ୍କର ମହାପାତ୍ର, ଭୁବନେଶ୍ୱର ଡିଏସପି ସୁଜିତ କୁମାର ଦଳାଇ, ଡିଏସ୍‌ପି ସୁଧାକର ମିଶ୍ର, ସଚିବାଳୟ ଏସ୍‌ପି ସେଖର କୁମାର ମହାପାତ୍ର ସମେତ ଅନ୍ୟ ସରକାରୀ ଅଧିକାରୀମାନଙ୍କୁ ତୁରନ୍ତ ବଦଳି କରାଯିବାକୁ ସଂପୃକ୍ତ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରନ୍ତୁ । ଏପରିକି ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସରକାରୀ ଅଧିକାରୀମାନେ ନିଜ ଗୃହ ଜିଲ୍ଲାରେ ମଧ୍ୟ ଅବସ୍ଥାପିତ ହୋଇପାରିବେ ନାହିଁ । ଏପରି ଆହୁରି ଅନେକ ଅଧିକାରୀ ଗୋଟିଏ ସ୍ଥାନରେ ଏବଂ ଗୋଟିଏ ପଦରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି । ଦଳୀୟ କାର୍ଯ୍ୟରେ ଏମାନଙ୍କୁ ରାଜ୍ୟ ସରକାର ଜାଣିଶୁଣି ବ୍ୟବହାର କରୁଥିବାର ଅନେକ ନଜିର ରହିଛି । ଏହା ଦ୍ୱାରା ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି ହେବାରେ ଆଶଙ୍କା ରହିଛି । ସରକାରୀ ଅଧିକାରୀମାନେ ନିଜ କର୍ତବ୍ୟ ଓ ଦାୟିତ୍ୱ ଭୁଲି ଶାସକ ଦଳର ଏଜେଂଟ ଭାବେ କାର୍ଯ୍ୟ କରିବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଅଣସାମ୍ବିଧାନିକ । ତେଣୁ ଯଥାଶୀଘ୍ର ସେମାନଙ୍କୁ ବଦଳି କରାଯାଉ ବୋଲି ଡ.ଲେଖାଶ୍ରୀ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ପ୍ରତିନିଧିମଣ୍ଡଳୀରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ସାମାଜିକ ଗଣମାଧ୍ୟମ ସଂଯୋଜକ ଉମାକାନ୍ତ ପଟ୍ଟନାୟକ, ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଠିକାଦାରଙ୍କ ମନମାନି ଯୋଗୁ ପାଣି ପାଇଁ ଡହଳବିକଳ ହେଲେ ଦୁଇ ପଞ୍ଚାୟତର ଗ୍ରାମବାସୀ : ପ୍ରତିବାଦରେ ରାସ୍ତା ଅବରୋଧ

ବେତନଟୀ , ୧୧/୩ (ନି.ପ୍ର): ବେତନଟୀ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ କୁ ଲାଗିଥିବା ଦୁଇ ଟି ଗ୍ରାମପଞ୍ଚାୟତ ର ଦୁଇଟି ଗ୍ରାମ ର ବାସିନ୍ଦା ମାନେ ଦୀର୍ଘ ୫ ଦିନ ହ୍ୱେ ପାନୀୟ ଜଳ ନ ପାଇବାରୁ ଆଜି ବେତନଟୀ - ମେର୍ଦା ରାସ୍ତର ବାହାନଡା ନିକଟରେ ଏହି ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ତିନି ଘଣ୍ଟା ପରେ ବେତନଟୀ ବ୍ଲକ ପ୍ରଶାସନ ଅବରୋଧ କାରୀଙ୍କ ନିକଟରେ ପହଞ୍ଚିଥିଲେ । ବ୍ଲକ ପ୍ରଶାସନ ଅଧିକାରୀ ଙ୍କ ସହ ଗ୍ରାମବାସୀ ଙ୍କ ର ଆଲୋଚନା ପରେ ୨୪ ଘଣ୍ଟା ମଧ୍ୟରେ ଗ୍ରାମବାସୀ ମାନଙ୍କୁ ପାନୀୟ ଜଳ ଯୋଗାଣ ପ୍ରତିଶ୍ରୁତି ପରେ ଏହି ରାସ୍ତା ଅବରୋଧ ହଟିଥିଲା । ମିଳିଥିବା ସୂଚନା ଅନୁସାରେ ବେତନଟୀ ଗ୍ରାମ ପଞ୍ଚାୟତର ୧୫ ନମ୍ବର ୱାର୍ଡ ଓ ସୋଠିଲ ପଞ୍ଚାୟତ ର ୪ ନମ୍ବର ୱାର୍ଡ ର ଅଧୀବାସି ମାନେ ବେତନଟୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ରୁ ଦୀର୍ଘ ଦିନ ଧରି ପାଣି ନେଉଥିବା ବେଳେ ପ୍ରାୟ ୫ ଦିନ ହ୍ୱେ ଜଣେ ଠିକାଦାରଙ୍କ ମନଇଚ୍ଛା ପାଇଲାଇନ କୁ ବିଚ୍ଛେଦ କରିବା ଯୋଗୁ ଏହି ଗ୍ରାମବାସୀ ମାନେ ପାଣିନପାଇ ଡହୋଳ ବିକଳ ହେଉଛନ୍ତି । ଏ ସମ୍ପର୍କରେ ଗ୍ରାମୀୟ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟାଳୟ ର ସହକାରୀ ଯନ୍ତ୍ରୀ ଦୃଯ୍ୟଧନ ମୁଣ୍ଡା ଙ୍କ ନିକଟରେ ଅଭିଯୋଗ କରିଥିଲେ । କୌଣସି ସୁଫଳ ନ ପାଇ କୂଅରୁ ପାଣି କାଢି ପିଇବା ପାଇଁ ବାଧ୍ୟ ହେଉଥିଲେ । ଦୁଇ ଗ୍ରାମବାସୀ ଙ୍କ ଅସନ୍ତୋଷ୍ୟ ଢିବା ପରେ ଆଜି ଉତେଜିତ ହୋଇ ଶତାଧୀକ ମହିଳା ଗୋଗରା ଓ ବାଲ୍ଟି ଧରି ବାହାନଡା ରାସ୍ତା କୁ ଅବରୋଧ କରିଥିଲେ । ଖବର ପାଇ ବେତନଟୀ ବିଡିଓ ଅମୃତ ରାଉଳ, ସହାକାରୀ ନିର୍ବାହୀ ଯନ୍ତ୍ରୀ ସୈମ୍ୟଶ୍ରୀ ଭୋଇ, ଜିପିଓ ଶୁସାନ୍ତ ରାଉଳ, ଜଳ ଯୋଗାଣ ପରିବହନ ଦୃଯ୍ୟଧନ ମୁଣ୍ଡା, ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ସଠିଲୋ ସମିତି ସଭ୍ୟ କିଶୋର ନାୟକ, ବେତନଟୀ ସମିତି ସଭ୍ୟ ରଣଜିତ୍ ସିଂ, କନିଷ୍ଠ ଯନ୍ତ୍ରୀ ସମେତ ବେତନଟୀ ଥାନା ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଗ୍ରାମବାସୀ ମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ଉଠିଥିଲା ।

ସଂସ୍କୃତ ମହାମଣ୍ଡଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ସମ୍ବର୍ଦ୍ଧନା ମହୋତ୍ସବ

ଭଦ୍ରକ, ୧୧/୩ (ନି.ପ୍ର): ନିଖିଳୋତ୍କଳ ସଂସ୍କୃତ ମହାମଣ୍ଡଳର ରାଜ୍ୟ କାରିଣୀ ସଭା ସରସ୍ୱତୀ ବିହାର, ବରପଦା, ଭଦ୍ରକ ଠାରେ ଅଧ୍ୟକ୍ଷ ଡ଼. ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ମହାମଣ୍ଡଳର ମାର୍ଗଦର୍ଶକ ବିଶିଷ୍ଟ ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କ ବିୟୋଗରେ ଶୋକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ପରେ କାର୍ଯ୍ୟକାରୀ ସଭାପତି ଡ଼. ଶୈଳେନ୍ଦ୍ର ନାରାୟଣ ପାଢ଼ୀ ସଭାପରିଚାଳନା କରିଥିଲେ । ମହାମଣ୍ଡଳର ସଂପାଦକ ଡ଼. ଚିତ୍ତରଂଜନ ଷଡ଼ଙ୍ଗୀ ସଂସ୍କୃତ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ନିଯୁକ୍ତି, ନୂତନ ୩୯ଟି ସଂସ୍କୃତ ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକମାନଙ୍କୁ ଦରମା ପ୍ରଦାନ, ସଂସ୍କୃତ ଶିକ୍ଷାଧୀକ୍ଷକ ପଦପୂରଣ, ସଂସ୍କୃତ ବିଦ୍ୟାଳୟକୁ ୫-ଟି ଅନ୍ତର୍ଭୁକ୍ତ କରାଇବା, ପରିଚାଳନା ସମିତି ଗୁଡ଼ିକର ଅନୁମୋଦନ ଇତ୍ୟାଦି ଦାବୀ ସଂପର୍କରେ ପ୍ରସ୍ତାବ ଆଗତ କରିଥିଲେ । ଭଦ୍ରକ, ବାଲେଶ୍ୱର, ଗଞ୍ଜାମ, ବଲାଙ୍ଗିର, କେନ୍ଦ୍ରାପଡ଼ା, ମୟୁରଭଂଜ, କେନ୍ଦୁଝର, ଯାଜପୁର, ପୁରୀ ଜିଲ୍ଲାର ପ୍ରତିନିଧି ଓ ରାଜ୍ୟ କାର୍ଯ୍ୟକାରିଣୀର ଶତାଧିକ ସଦସ୍ୟ ଯୋଗଦେଇ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ଏହ ଅବସରରେ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥା ପକ୍ଷରୁ କୃତିତ୍ୱପୂର୍ଣ୍ଣ ଅବଦାନ ପାଇଁ ସମ୍ମାନଜନକ ଡକ୍ଟରେଟ ଉପାଧି ପାଇଥିବା ଡ଼. ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ଡ଼. ଚିତ୍ତରଂଜନ ଷଡ଼ଙ୍ଗୀ, ଡ଼. ସିଦ୍ଧେଶ୍ୱର ପଣ୍ଡା, ଡ଼. ବାସୁଦେବ ସେନ, ଡ଼. ନାରାୟଣ ମିଶ୍ର ଓ ନାରାୟଣ ଚନ୍ଦ୍ର ଦାଶଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ଡ଼. ସଦାନନ୍ଦ ଦୀକ୍ଷିତଃ ସମ୍ବର୍ଧିତ କରିଥିଲେ । ମହାମଣ୍ଡଳ ପକ୍ଷରୁ ଡ଼. ଶୈଳେନ୍ଦ୍ର ନାରାୟଣ ପାଢ଼ୀଙ୍କୁ ସଂସ୍କୃତ ସାରଥି , ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ପଣ୍ଡିତ ସୁବାସ ଚନ୍ଦ୍ର ପାଣିକୁ ସଂସ୍କୃତ ସେବକ ଉପାଧି ପ୍ରଦାନ କରାଯାଇଥିଲା । ସଂସ୍କୃତ ଶିକ୍ଷକମାନଙ୍କର କୃତିତ୍ୱ ଆଜି ଆନ୍ତର୍ଜାତିକସ୍ତରରେ ସ୍ୱୀକୃତ ହେବ ଏକ ଉତ୍ସହପ୍ରଦ ଘଟଣ ବୋଲି ଡ଼. ଦୀକ୍ଷିତଃ ମତବ୍ୟକ୍ତ କରିଥିଲେ । ଲୋକଭାଷା ସୁଶ୍ରୀଃ ସଂସ୍କୃତ ପତ୍ରିକା ମଧ୍ୟ ଲୋକାର୍ପିତ ହୋଇଥିଲା । ଡ଼. ବାସୁଦେବ ସେନ ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍.ପି.ଏସ୍ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ

ଭଦ୍ରକ, ୧୧/୩ (ନି.ପ୍ର): ୨୦୦୪ ରୁ ୨୦୧୩ ମଧ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତ ସମସ୍ତ ଶିକ୍ଷକଙ୍କୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ସହ ୬ ବର୍ଷର ଚୁକ୍ତି ଅବଧିକୁ ନିୟମିତ ଚାକିରିରେ ଯୋଗ କରିବା, ମାଧ୍ୟମିକ ଶିକ୍ଷକଙ୍କ କ୍ୟାଡ଼ର ପୁନର୍ଗଠନ ସମ୍ବଳିତ ଦୁଇଦାବୀ ଆସନ୍ତା ୧୩ ତାରିଖ ସୁଦ୍ଧା ପୁରଣ କରାଯାଉ, ନଚେତ ମାଟ୍ରିକ ଖାତା ମୂଲ୍ୟାୟନ ବର୍ଜନ କରିବା ସହ ସମସ୍ତ କ୍ଷେତ୍ରରେ ଅସହଯୋଗ କରାଯିବ ବୋଲି ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଅଛି ।

ଲୋକଙ୍କ ଘର ଓଳିତଳେ ୧୫ ବର୍ଷ ଧରି ଚାଲିଛି ଅଙ୍ଗନୱାଡ଼ି

ଉଦଳା , ୧୧/୩ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର କୋଚିଳାଡ଼ିହା ପଂଚାୟତ ଅନ୍ତର୍ଗତ କଇଁଫୁଲିଆ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ଦୃଶ୍ୟ । ଏହି ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଘର ନଥିବାରୁ ଆଜକୁ ୧୫ ବର୍ଷ ହେବ ଲୋକଙ୍କ ଘର ଓଳିତଳେ ଚାଲିଛି । ପାଣି, ପାଇଖାନା ଓ ରୋଷେଇ ପାଇଁ ଏଠାରେ ନାହିଁନଥିବା ସମସ୍ୟା ଦେଖାଯାଉଛି । ଏପରିକି ଉକ୍ତ କେନ୍ଦ୍ର ପାଇଁ ପାଚିକା ନିଯୁକ୍ତି ପାଇନଥିବାରୁ ଅଙ୍ଗନୱାଡ଼ି ଦିଦିଙ୍କୁ ନିଜେ ରୋଷେଇକାମ କରିବାକୁ ପଡୁଛି । ଏହି ଅଙ୍ଗନୱାଡ଼ିରେ ପାଖାପାଖି ୨୦ ଜଣ ପିଲା ପଢୁଛନ୍ତି । ଏଠାରେ ପଢୁଥିବା ଶତପ୍ରତିଶତ ପିଲା ଅନୁସୂଚିତ ଜନଜାତିର ଅଟନ୍ତି । ବର୍ଷାଦିନ ହେଲେ ଏଠାରେ ପିଲାଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିଥାଏ । ଏପରିକି କେବେ କେବେ ଅଙ୍ଗନୱାଡ଼ି ବନ୍ଦ କରିବା ପାଇଁ ପରିସ୍ଥିତି ବାଧ୍ୟ କରିଥାଏ ବୋଲି ଦିଦି ଜଣାଇଛନ୍ତି । କତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସଦସ୍ୟ ସସ୍ମିତା ଦାବି ଜଣାଇଛନ୍ତି ।

ଜଳେଶ୍ୱର ଗ୍ରୀଡରେ ଟ୍ରାନ୍ସଫରମର ପୋଡି

ମାଙ୍କଡ ଡିଆଁରୁ ଅଗ୍ନିକାଣ୍ଡ : ଉତ୍ତର ବାଲେଶ୍ୱରରେ ୨ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

ଜଳେଶ୍ୱର , ୧୧/୩ (ନି.ପ୍ର): ଆଜି ସକାଳ ୬ଟା୫୦ମି ସମୟରେ ଏକ ମାଙ୍କଡ ଦଳ ଜଳେଶ୍ୱର ଗ୍ରୀଡ ମଧ୍ୟରେ ପ୍ରବେଶ କରି ଡିଆଁ ଡେଇଁ କରୁଥିବା ବେଳେ ଏକ ବଡ ମାଙ୍କଡ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ପୋଡି ମରିଛି । ଅନ୍ୟପକ୍ଷରେ ସର୍ଟ ସର୍କିଟ ଯୋଗୁଁ ଏକ ବଡ ଟ୍ରାନ୍ସଫରମରରେ ଅଗ୍ନିକାଣ୍ଡ ଘଟିବାରୁ ଦୀର୍ଘ ୨ଘଣ୍ଟା ଧରି ନିଆଁ ଜଳିବା ଓ ସମଗ୍ର ଅଂଚଳ ଧୂଆଁମୟ ହୋଇଥିବା ଦେଖିବାକୁ ମିଳିଥିଲା । ଓପିଟିସିଏଲର ସ୍ଥାନୀୟ କର୍ମକର୍ତ୍ତା ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା କରି ବଡଫଳ ହେବାରୁ ଦମକଳ ବାହିନୀକୁ ଖବର ଦିଆଯାଇଥିଲା । ୨ଟି ଦମକଳ ଦୀର୍ଘ ସମୟଧରି ନିଆଁ ଲିଭାଇବାକୁ ପ୍ରଚେଷ୍ଟା ଜାରି ରଖିବାରୁ ୨ଟି ବଡ ଟ୍ରାନ୍ସଫରମର ସୁରକ୍ଷିତ ରହିଥିବା ବେଳେ ୧୨.୫ ଏମ୍‌ଭିଏ ଟ୍ରାନ୍ସଫରମରଟି ସଂପୂର୍ଣ୍ଣ ପୋଡି ଯାଇଛି । ଅଗ୍ନିକାଣ୍ଡର ଏପରି ଦୃଶ୍ୟଦେଖି ଜଳେଶ୍ୱରବାସୀ ଭୟଭିତ ହୋଇ ଯାଇଥିଲେ । ପ୍ରକାଶଯୋଗ୍ୟ ଏଠାରୁ ବିଦ୍ୟୁତ୍ ଯାଇ ରେଳ ଚଳାଚଳ କରୁଥିବାରୁ ତାହାକୁ ମଧ୍ୟ ବନ୍ଦ କରାଯାଇଥିଲା ଓ ବାଲେଶ୍ୱରରୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିଲା । ଫଳରେ ଜଳେଶ୍ୱର ଅଂଚଳର ରାଜଘାଟ, ଜଳେଶ୍ୱର, କମର୍ଦ୍ଦା, ଭୋଗରାଇ ଅଂଚଳରେ ୨ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ଘଟଣାପରେ ଡିଜିଏମ୍ ଦିପକ କୁମାର ସେନାପତି, ଏସ୍‌ଡିଓ ହରେକୃଷ୍ଣ ଖୁଲାରୀ, ସହକାରୀ ମ୍ୟାନେଜର ପ୍ରମୋଦ ବେହେରା, ବିଦ୍ୟୁତ୍ ସଂଯୋଗ ଲାଗି ପ୍ରଚେଷ୍ଟା କରିଥିଲେ । ଅପରାହ୍ନରେ ଯାଜପୁର ସର୍କଲର ଇନିସ୍‌ପେକ୍ଟର ଜେନେରାଲ ସୁବ୍ରତ ନାୟକ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ମାଙ୍କଡ ଡିଆଁରୁ ଏପରି ଘଟଣା ଘଟିବା ଦ୍ୱାରା ପ୍ରାୟ ୨ କୋଟି ଟଙ୍କା ଫତି ହୋଇଥିବା ଓପିଟିସିଏଲ୍ ପକ୍ଷରୁ କୁହାଯାଇଛି ।

ଗରମ ସହ ଭିଡ଼ ଯୋଗୁଁ ବସ ଭିତରେ ଚେତାଶୂନ୍ୟ ହେଲେ କଲେଜ ଛାତ୍ରୀ

ନୀଳଗିରି, ୧୧/୩ (ନି.ପ୍ର): ନୀଳଗିରି କଲେଜ ଆସୁଥିବା ବେଳେ ବସ ଭିତରେ ଚେତାଶୂନ୍ୟ ହୋଇଗଲେ ଯୁକ୍ତ ୩ ବର୍ଷର ଛାତ୍ରୀ । ୧୦୮ ଜରିଆରେ ମେଡିକାଲ ଆଣିଲେ ସାଙ୍ଗରେ ଆସିଥିବା ସାଙ୍ଗ । ସୂଚନା ଅନୁଯାୟୀ ଆଜି ନୀଳଗିରି ଗରଡି ଛକରୁ ନିକଟ ସିଆଡିମାଳ ଗ୍ରାମର ଯୁକ୍ତ ୩ବର୍ଷର ଛାତ୍ରୀ ବୈଶାଖୀ ସିଂ ନୀଳଗିରି କଲେଜକୁ ସାହୁ ବସ ଜରିଆରେ ଆସୁଥିବା ବେଳେ ନୀଳଗିରି ନିକଟରେ ଚେତାଶୂନ୍ୟ ହୋଇପଡିଥିଲେ । ସାଙ୍ଗରେ ତାଙ୍କର ଆସିଥିବା ଅନ୍ୟ ସହପାଠୀ ସାଙ୍ଗମାନେ ତାଙ୍କୁ୧୦୮ ଯୋଗେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ ।ତେବେ ଅସହ୍ୟ ଗରମ ସାଙ୍ଗକୁ ବସ ଭିତରେ ଭିଡ଼ ଯୋଗୁ ଚେତାଶୂନ୍ୟ ହୋଇଥିବା କଥା ସାଙ୍ଗ କହିଛନ୍ତି । ତେବେ ବର୍ତ୍ତମାନ ଛାତ୍ରୀ ଜଣକ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି ।

ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ

ନୀଳଗିରି , ୧୧/୩ (ନି.ପ୍ର): ଭାଷା ଭାବ ବିନିମୟର ସୁସ୍ଥ ସୁନ୍ଦର ଓ ସୁବର୍ଣ୍ଣ ସଂଯୋଗସେତୁ । ଚିନ୍ତାବିନା ଭାଷାର ପରିକଳ୍ପ ଉଁନା ନାହିଁ । ଓଡ଼ିଆ ଭାଷା ପଚିଶ ଶହ ବର୍ଷ ତଳର ପୁରୁଣାଭାଷା । ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଓଡ଼ିଆ ଭାଷାକୁ ଷଷ୍ଠ ଶାସ୍ତ୍ରୀୟ ଭାଷାଭାବରେ ମାନ୍ୟତା ପ୍ରଦାନକରି ଭାରତ ସରକାର ପ୍ରତିଟି ଓଡ଼ିଆର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ବୋଲି ଆଜି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଶିଳାଲେଖ, ଅଭିଲେଖ ଠାରୁ ଆରମ୍ଭକରି ତାଳପତ୍ର ପୋଥିରେ ଲିଖିତ ଓଡ଼ିଆ ଭାଷା ସମ୍ପର୍କିତ ବହୁତଥ୍ୟ ଆଜି ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଗୃହବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପିକା ମମତା ବରାଳ ମୁଖ୍ୟଅତିଥି, ଓଡ଼ିଆ ବିଭାଗର ମୁଖ୍ୟା ଡ଼ ଶିବାନୀ ଡଗର ମୁଖ୍ୟବକ୍ତା, ସଂସ୍କୃତ ବିଭାଗର ଅଧ୍ୟାପକ ଡ ହରିପଦ ଦାଶ, ଇଂରାଜୀ ବିଭାଗର ଅଧ୍ୟାପିକା ମଣିମାଳା ବିଶ୍ୱାଳ, ଗୃହବିଜ୍ଞାନର ଅଧ୍ୟାପିକା ମମତା ପ୍ରିୟଦର୍ଶିନୀ ସାହୁ ଯୋଗଦେଇ ନିଜନିଜ ମନ୍ତବ୍ୟରେ ଜଣେଜଣେ ଓଡ଼ିଆ ବୋଲି ଗର୍ବ ଅନୁଭବ କରିଥିଲେ । ଏହି ଅବସରରେ ସର୍ବପ୍ରଥମେ ବିଭାଗର ଅଧ୍ୟାପକ ଡ଼ ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଛାତ୍ରୀ ବୈଶାଖୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିବାବେଳେ ବିଭାଗର ସମସ୍ତଛାତ୍ରୀ ଯୋଗଦାନ କରିଥିଲେ ।

ରାଜ୍ୟ ନେତୃତ୍ୱ ଦିଲ୍ଲୀରୁ ଫେରିଲେ ସେମାନେ କହିବେ: କେଭି ସିଂହଦେଓ

ଭୁବନେଶ୍ୱର, ୧୧/୩ (ନି.ପ୍ର): ରାଜ୍ୟ ଏବଂ ଦଳର ସ୍ୱାର୍ଥ ଦୃଷ୍ଟିରୁ ଦିଲ୍ଲୀରୁ ଡାକରା ହେବା ଯୋଗୁଁ ଦଳୀୟ ନେତା ମାନେ ଯାଇଛନ୍ତି । ରାଜ୍ୟ ନେତୃତ୍ୱ ଦିଲ୍ଲୀରେ ଅଛନ୍ତି, ସେମାନେ ଫେରିଲେ ଯାହା କହିବେ । ସମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ବିଜେପିର ବରିଷ୍ଠ ନେତା କେଭି ସିଂହଦେଓ ଏହା କହିଛନ୍ତି । ସେ କହିଛନ୍ତି ଯେ, ଦିଲ୍ଲୀ ଉପରେ ସମସ୍ତଙ୍କ ନଜର ଅଛି । ଆମର ବି ନଜର ଅଛି । ଯେଉଁ ବାବଦରେ ସୂଚନା ନାହିଁ, ସେ ବିଷୟରେ କଣ କହିବୁ । ଯେପର୍ଯ୍ୟନ୍ତ ଦିଲ୍ଲୀରୁ କୌଣସି ସୂଚନା ନଆସିଛି, ତା ଉପରେ କିଛି କହିବା ଉଚିତ୍ ହେବ ନାହିଁ । ବିଜେପି ଏକ ଜାତୀୟ ଦଳ, ତେଣୁ ପ୍ରାର୍ଥୀ ତାଲିକା ହେଉ ବା ଅନ୍ୟ ଯାହା ହେଉ, ସଂସଦୀୟ ବୋର୍ଡ ନିଷ୍ପତି ନେବ । ବିଜେଡ଼ି ଆଂଚଳିକ ଦଳ, ତେଣୁ ତାଙ୍କର ଓଡ଼ିଶାର ନିଷ୍ପତି ହେବ ଏବଂ ବିଜେପିର ଦିଲ୍ଲୀର ନିଷ୍ପତି ହେବ । କୌଣସି ପ୍ରକାର ଦ୍ୱନ୍ଦ କାହା ମନ ଭିତରେ ରହିବା ଉଚିତ୍ ନୁହେଁ । ଦଳର ରାଜ୍ୟ ସଭାପତି ଦିଲ୍ଲୀ ଯିବା ପୂର୍ବରୁ ସ୍ପଷ୍ଟ ଭାବେ କହିଛନ୍ତି । ରାଜ୍ୟ ଏବଂ ଦଳର ସ୍ୱାର୍ଥ ଦୃଷ୍ଟିରୁ ଦିଲ୍ଲୀରୁ ଡାକରା ହେବା ଯୋଗୁଁ ଦ